

କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବାଇକ୍ ଚୋରି ଉଦ୍ୟମ ବିଫଳ, ଧରା ପଡିଗଲେ ଯୁବକ

ନାକଟିଦେଉଳ, ୧୬।୨ (ଡି.ଏନ.ଏ.) ନାକଟିଦେଉଳ ଥାନାଠାରୁ ମାତ୍ର ୫୦ ମିଟର ଦୂର ବସଷ୍ଟାଣ୍ଡ ପାଖରୁ ଏକ ବାଇକ ଚୋରି କରିବାକୁ ଉଦ୍ୟମ କରିବା ବେଳେ ଜଣେ ଯୁବକଙ୍କୁ ସ୍ଥାନୀୟ ଯୁବକମାନେ କାବୁ କରି ପୋଲିସ ଜିମା ଦେଇଛନ୍ତି । ସଂପୃକ୍ତ ଯୁବକଙ୍କ ନାମ ପିତାମ୍ବର ପେଣ୍ଠେଇ। ତାଙ୍କ ଘର ନାକଟିଡେଳ ଥାନା କୁଠାସିଙ୍ଗା ଗ୍ରାମରେ। ଶନିବାର ଅପରାହ୍ନ ୫ଟା ସମୟରେ ଥାନା ସମ୍ମୁଖ ବିଶ୍ୱମ୍ବର ସିଂଙ୍କ ଘର ସାମନାରେ ଥିବା ଏକ ବାଇକକୁ ସେ ଚୋରି କରିବା ପାଇଁ ଉଦ୍ୟମ କରି ଗାଡିର ଲକ ଖୋଲୁଥିଲେ। ଏତିକିବେଳେ ଗାଡି ମାଲିକ ଦେଖି ପାଟି କରିବାରୁ ସେ ଦୌଡି ପଳାଇଥିଲେ। ସ୍ଥାନୀୟ ଯୁବକମାନେ ତାଙ୍କୁ ପିଛା କରି କାବୁ କରିବା ପରେ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଥିଲେ। ସପ୍ତାହେ ତଳେ ନାକଟିଦେଉଳ ବସଷ୍ଟାଣ୍ଡ ଏବଂ ବ୍ଲକ ଅଫିସ ନିକଟରୁ ୨ଟି ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

### ଦେଦେରା ଶିବ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ନାକଟିଦେଉଳ,୧୬।୨(ଡି.ଏନ.ଏ.) ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ କଞ୍ଚନପୁର ଗ୍ରାମସ୍ଥିତ ଦେଦେରାଠାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ତିନି ଦିନ ଧରି ନାମଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା ଗ୍ରାମର ଶତାଧିକ ମହିଳା କଞ୍ଚନପୁର ନିକଟସ୍ଥ ଚିକିରା ନଦୀରୁ ପାଣି ନେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିରରେ ପହଞ୍ଚି ଥିଲା। ଦେବତାସ୍ନାନ, ମନ୍ଦିର ସ୍ନାନ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ଓ ଦେବତା ପ୍ରବେଶ କାର୍ଯ୍ୟ ଶେଷ ହେବାପରେ ପୂର୍ଣ୍ଣାହୁତି ପଡ଼ିଥିଲା। ଶରତ ଚନ୍ଦ୍ର ପ୍ରଧାନ ଏବଂ ଜୟନ୍ତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ସଂପନ୍ନ କରିଥିଲେ। କଞ୍ଚନପୁର, ପିତାସିଆରି ଏବଂ ଗଞ୍ଜାବାହାଲ ଗ୍ରାମର ଜନସାଧାରଣଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଶହୀଦଙ୍କ ପାଇଁ ସମସ୍ତଙ୍କ ଆଖିରେ ଲୁହ

ରେଙ୍ଗାଲି/ରେଖାଖୋଲ/ନାକଟିଦେଉଳ/ସମ୍ବଲପୁର/ଚିପିଲିମା,୧୬।୨ (ଡି.ଏନ.ଏ.) ଜମ୍ମୁ-କଶ୍ମୀର ପୁଲୱାମାରେ ସିଆରପିଏଫର ଯବାନମାନେ ଶହୀଦ ହୋଇଛନ୍ତି। ଏହି ଖବର ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି। ଏହି ପରିପେକ୍ଷୀରେ ରେଙ୍ଗାଲି ବ୍ଲକ ଖୁଣ୍ଡା ମାତୃଭୂମି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମହମବତୀ ଶୋଭାଯାତ୍ରା ସହିତ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ହେମନ୍ତ କୁମାର ପାଣ୍ଡେଙ୍କ ନେତୃତ୍ୱରେ ଖୁଣ୍ଡା ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ଶୋକସଭାର ଆୟୋଜନ କରାଯାଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଖୁଣ୍ଡା ପଞ୍ଚାୟତର ନାଏବ ସରପଞ୍ଚ ଯମୁନାଣୀ ପଟେଲ, ଶରତ କୁମାର ଭୋଇ, ପୀତାମ୍ବର ବିଶ୍ୱାଳ, ଧୀରେନ୍ଦ୍ର କୁମାର ପ୍ରଧାନ, ରାଜେଶ ତିୱାରୀ, ଅମିତ ନାଗ, ସୁମିତ ପୂଜାରୀ, ଅମରେଶ ସାହୁ, କ୍ଷୀରୋଦ ସାହୁ, ବିକାଶ ସାହୁ, ବିକାଶ କୁମାର ସ୍ୱାଇଁ, ଭରତ ସେଠ, ସୁଶୀଲ ପାତ୍ର, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଂଗଠନ ପକ୍ଷରୁ 'ଆଇ ଷ୍ଟାଣ୍ଡ ଫର୍ ଯୱାନ' ନାମକ ଏକ କ୍ୟାମ୍ପେନ ଆରମ୍ଭ କରାଯାଇଥିଲା । ସଂଗଠନ ସହିତ ଜଡିତ ସମସ୍ତ କର୍ମକର୍ତ୍ତା ସେମାନଙ୍କର ଗୋଟିଏ ଦିନର ପାରିଶ୍ରମିକ ଶହୀଦ ଯବାନଙ୍କ ପରିବାରକୁ ଦେବା ପାଇଁ ସଭାପତି ଆହ୍ୱାନ କରିଥିଲେ । ଆଗାମୀ ୭ ଦିନ ମଧରେ ଏହି କ୍ୟାମ୍ପେନ ଜରିଆରେ ସଂଗ୍ରହ କରାଯାଇଥିବା ରାଶିକୁ ଓଡିଶାରୁ ଶହୀଦ ହୋଇଥିବା ଦୁଇ ଯବାନଙ୍କ ପରିବାରକୁ ଦିଆଯିବା ପାଇଁ ସ୍ଥିର କରାଯାଇଛି। ସେହିଭଳି ରେଙ୍ଗାଲି ବସଷ୍ଟାଣ୍ଡରୁ ଯୁବକମାନେ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଦୁର୍ଗା ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ଶ୍ରଦ୍ଧାଞ୍ଜଳି ସଭା ଏବଂ ନୀରବ ପ୍ରାର୍ଥନା କରିଥିଲେ। ଠେଲକଲୋଇସ୍ଥିତ ଭୂଷଣ କାରଖାନା ପକ୍ଷରୁ ମଧ ଶହୀଦମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରେଙ୍ଗାଲି ତହସିଲ ଛକରୁ ଏକ ସର୍ବଦଳୀୟ ଶୋଭାଯାତ୍ରା ମଧ ବାହାରିଥିଲା। ଦୁର୍ଗା ମନ୍ଦିର ନିକଟରେ ଶ୍ରଦ୍ଧାଞ୍ଜଳି ସଭା ଏବଂ ନିରବ ପ୍ରାର୍ଥନା କରାଯାଇଥିଲା । ମହେନ୍ଦ୍ର ଓରାମ, ଅଶୋକ ଗୁରୁ, ଦ୍ୱାସାଗର ଭଏଁସାଲ, ପ୍ରଦୀପ ସାହୁ, ନାରାୟଣ ଶର୍ମା, ବସନ୍ତ ତଣ୍ଡକାର, ପିଙ୍କୁ ଚୌହାନ, ତୁଳସୀ ଦାସ ଓରାମ, ସ୍ୱରାଜ ଓରାମ, ହେମନ୍ତ ଦାସ ପ୍ରମୁଖ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।ଅନ୍ୟପକ୍ଷେ ଆମ ରେଢାଖୋଲ ଖବରଦାତାଙ୍କ ସୂଚନା ଅନୁସାରେ ରେଢାଖୋଲ ଭୀମ ଭୋଇ ଛକରେ ସ୍ଥାନୀୟ ଲୋକେ ମହମବତୀ ଜାଳି ଏହି ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଜଣାଇଛନ୍ତି। ପ୍ରତାପ ପ୍ରଧାନ, ଶିବ ସାହୁ, ରାଜା ପାଲ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ଆମ ନାକଟିଦେଉଳ ପ୍ରତିନିଧିଙ୍କ ସୂଚନା ଅନୁସାରେ ନାକଟିଦେଉଳ ବସଷ୍ଟାଣ୍ଡଠାରୁ ମଧ ଏକ ମହମବତି ଶୋଭାଯାତ୍ରା ବାହାର ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଶହୀଦ ଯବାନମାନଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜ କିଶୋର ସାହୁଙ୍କ ଅଧକ୍ଷତାରେ ଏକ ଶୋକସଭା ମଧ ଆୟୋଜିତ ହୋଇଥିଲା । ସନ୍ତୋଷ କୁମାର ସାହୁ, ଶରତ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ବିଜୟା ନନ୍ଦ ସାହୁ, ବାବୁଲା ସାହୁ, ବିଶ୍ୱନାଥ ବାନାର୍ଜୀ, ସନ୍ତୋଷ ଦାଶ, ସନ୍ତୋଷ ସାହୁ, ନିରାକାର ସାହୁଙ୍କ ସମେତ ବିଭିନ୍ନ ବର୍ଗର ପ୍ରାୟ ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ସମ୍ବଲପୁରରେ ଯୁବ କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଆଶୁତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ଆମ ବୁର୍ଲା ପ୍ରତିନିଧି ଜଣାଇଛନ୍ତି ଯେ, ଭାରତୀ କଳା ବିକାଶ କେନ୍ଦ୍ର ପରିସରରେ ଅଧକ୍ଷ ଅଲେଖ ଦାଶଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଡ. ପ୍ରେମଚାନ୍ଦ ମହାନ୍ତି, ରାମକୃଷ୍ଣ ରଥ ଓ ପ୍ରମୋଦ କୁମାର ଦାଶ, କାଳିଚରଣ ପାଢ଼ୀ, ରଶ୍ମିରଞ୍ଜନ ଶତପଥୀ, ଅଶ୍ୱିନୀ ଆଚାର୍ଯ୍ୟ, ଅଚ୍ୟୁତା ଠେଲା, ସତ୍ୟବ୍ରତ ସାହୁ, ଫଗନୁ ସେଠ, ଜଗଦୀଶ ଦନସେନା, ରମାକାନ୍ତ ତାଣ୍ଡି, ଗଜେନ୍ଦ୍ର ବଘାର, ଶଶିଭୂଷଣ ଦେହୁରୀ, ସୁଶୀଲ ବାଗ, କୈଳାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ରେଙ୍ଗାଲିରେ ଶହୀଦ ଯବାନମାନଙ୍କ ପାଇଁ ଯୁବକମାନେ ସ୍ଲୋଗାନ ଦେଉଛନ୍ତି।



ରେଢାଖୋଲରେ ଯୁବକମାନେ ମହମବତି ଶୋଭାଯାତ୍ରାରେ ବାହାରିଛନ୍ତି।



ନାକଟିଦେଉଳରେ ଶ୍ରଦ୍ଧାଞ୍ଜଳି ଜଣାଇ ଲୋକେ ମହମବତି ଜାଳୁଛନ୍ତି ।



ସମ୍ବଲପୁର ବୁଢାରଜା ସ୍କୁଲର ଛାତ୍ରୀଛାତ୍ର ଶହୀଦମାନଙ୍କ ଅମରଆତ୍ମାର ଶାନ୍ତିକାମନା କରି ପ୍ରାର୍ଥନା କରୁଛନ୍ତି ।

# ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଚାଷୀଙ୍କୁ ସୁଧ ଦେବାକୁ ପଡିବନି



ମାନେଶ୍ୱର ସେବା ସମବାୟ ସମିତିରେ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୧୬।୨(ବ୍ୟୁରୋ) ସମ୍ବଲପୁର ମାନେଶ୍ୱର ସେବା ସମବାୟ ସମିତିବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଜଗନ୍ନାଥ ଦୀକ୍ଷିତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ବରଗଡ଼ କୋ-ପୋରେଟଭ୍ ବ୍ୟାଙ୍କ ସମ୍ପାଦକ ଗୁରୁ ଚରଣ ଦାସ, ସମ୍ମାନୀୟ ଅତିଥି ଭାବେ ନିର୍ଦ୍ଦେଶକ କାହ୍ନୁ ମିଶ୍ର,ଏଆରସିଏସ ବୃନ୍ଦାବନ ଛତ୍ରିଆ ଯୋଗ ଦେଇଥିଲେ । ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ନେଇଥିବା ଚାଷୀମାନଙ୍କୁ ସୁଧ ଦେବାକୁ ପଡିବ ନାହିଁ। ଠିକ ସମୟରେ ଋଣ ପରିଶୋଧ କଲେ ସୁଧ ହାର ୨ ପ୍ରତିଶତ ଦେବାକୁ ପଡିବ । ଚାଷୀମାନେ ବିହନ, ସାର, କୃଷିଯନ୍ତ୍ରପାତି ନେଇ ସମବାୟ ସମିତିରୁ ଲାଭ ଉଠାଇ ପାରିବେ ବୋଲି ସମ୍ପାଦକ ଦାସ କହିଥିଲେ । ମାନେଶ୍ୱର ସମବାୟ ସମିତି ଜିଲାରେ ଅଧିକ ପରିମାଣ ଧାନ କିଣାବିକା ଓ ଋଣ ଅସୁଲି ଠିକ ସମୟରେ କରୁଛି । ତେଣୁ ଅଧିକ ଲାଭ ପାଇ ପାରୁଛି ବୋଲି ଅତିଥିଗଣ ନିଜ ବ୍ୟକ୍ତବ୍ୟରେ କହିଥିଲେ । ସମିତିର ଭାରପ୍ରାପ୍ତ ସମ୍ପାଦକ ଶେଷଦେବ ମେହେର ଆର୍ଥିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଚାଷୀମାନେ ବୀମା ଓ ବିଭିନ୍ନ ସମସ୍ୟା ଉପରେ ମତବ୍ୟକ୍ତ କରିଥିଲେ । ପ୍ରତିବର୍ଷ ପରି ପ୍ରଥମେ ଋଣ ପରିଶୋଧ କରିଥିବା ଚାଷୀ ଜି. ରାବଣା, ପୀତବାସ ପ୍ରଧାନ, କେଶନ ମିର୍ଦ୍ଧାଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ବିବେକ ଭୂଷଣ ନାୟକ, ବରୁଣ ଗୁରୁଙ୍କ ସମେତ ନିର୍ଦ୍ଦେଶକ ବିଜୟ ପ୍ରଧାନ, ମାନଭଞ୍ଜନ ପସାୟତ, ଚନ୍ଦ୍ର କୁମାର ପୁରୋହିତ, ବିଦ୍ୟାଧର ପ୍ରଧାନ ଉପସ୍ଥିତ ଥିଲେ । ମାନେଶ୍ୱର ବ୍ୟାଙ୍କ ଶାଖା ପରିଚାଳକ ବରୁଣ ପ୍ରଧାନ, ଝାଙ୍କରପାଲି ସମବାୟ ସମିତି ସଭାପତି ବାଳକୃଷ୍ଣ ଦାସ, ବାହାମ ସଭାପତି ଅଶୋକ ପୁରୋହିତ, ବରଗାଁ ସଭାପତି ଦେବିଲାଲ ପ୍ରଧାନ ଉପସ୍ଥିତ ଥିଲେ । ମାନେଶ୍ୱର ସମବାୟ ସମିତିର ସଦସ୍ୟ ଥିବା ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

■ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟରେ ବିଟ୍‌ଫେଷ୍ଟ

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଛାତ୍ରୀଛାତ୍ର

ସମ୍ବଲପୁର,୧୬।୨(ବ୍ୟୁରୋ) ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ ତଥା ବିଟଫେଷ୍ଟ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଦେବେଇପାଲି ସ୍ଥିତ ଇନଷ୍ଟିଚ୍ୟୁଟ ପରିସରରେ ଆୟୋଜିତ ଉତ୍ସବରେ ୱେସ୍କୋ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ତରୁଣ ବଲ୍ଲଭ ମିଶ୍ର ମୁଖ୍ୟଅତିଥି, ସମ୍ବଲପୁର ଡିଡବ୍ଲୁଓ ଡ. ଜିତାଂଶୁ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସଂଘର୍ଷମୟ ଜୀବନରେ କିପରି ସଫଳତା ମିଳିଥାଏ, ସେହି ବିଷୟରେ ଆଲୋକପାତ କରିଥିଲେ । ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ ଚେୟାରମ୍ୟାନ ଜୟପ୍ରକାଶ ଅଗ୍ରୱାଲ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସେହିପରି ସମ୍ପାଦକ ସଞ୍ଜୀବ ଅଗ୍ରୱାଲ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିର ବାର୍ଷିକ ପତ୍ରିକା ରିଫ୍ଲେକ୍ସ- ୨୦୧୯କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଇନଷ୍ଟିଚ୍ୟୁଟ ଅଧ୍ୟକ୍ଷ ଡ. ଉମେଶ କୁମାର ରାଉତ, ମୁଖ୍ୟ ସମ୍ପାଦକ ରାଜଶେଖର ସିହ୍ନା ସୂଚନା ଦେଇ କହିଥିଲେ ଯେ, ଏହି ମାଗାଜିନ୍ ଛାତ୍ରୀଛାତ୍ରମାନଙ୍କୁ ସହାୟକ ହୋଇପାରିବ । ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଇଣ୍ଟର କଲେଜ ଫେଷ୍ଟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଏହାପରେ ନୃତ୍ୟ, ଗୀତ କାର୍ଯ୍ୟକ୍ରମ ହୋଇଥିଲା । ଛାତ୍ରୀଛାତ୍ରଙ୍କ ମନଛୁଆଁ ନୃତ୍ୟରେ ଅଞ୍ଚଳର ପ୍ରକମ୍ପିତ ହୋଇଥିଲା ।



ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ପରିସରରେ ଆୟୋଜିତ ବିଟଫେଷ୍ଟରେ ଅତିଥିମାନେ ବାର୍ଷିକ ପତ୍ରିକା ଉନ୍ମୋଚନ କରୁଛନ୍ତି ।

# ଅଭିଭାବକ ସତର୍କ ନ ରହିଲେ ସମାଜ ପଥଭ୍ରଷ୍ଟ ହୋଇଯିବ

ନାକଟିଦେଉଳ,୧୬।୨(ଡି.ଏନ.ଏ.) ଘୋଷରାମାଳ ପଞ୍ଚାୟତ ଅନ୍ତର୍ଗତ ବଡ଼ମାଳସ୍ଥିତ ସେଣ୍ଟ ଆନ୍ଥୋନୀ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟୀୟ ସମାଜର ସମ୍ବଲପୁର ଧର୍ମପ୍ରଦେଶ ପକ୍ଷରୁ ଦୁଇ ଦିନ ଧରି ଚାଲିଥିବା ଅଭିଭାବକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଫାଦର ଯୁଗଳ କିଶୋର ହରୋ ସଭାପତିତ୍ୱ କରିଥିଲେ। ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଖ୍ରୀଷ୍ଟୀୟ ସମାଜର ଧାର୍ମିକ, ସାଂସ୍କୃତିକ, ପରିବାରିକ ଚଳଣି ଏବଂ ମାନବ ଆଚରଣ ଶିକ୍ଷା ସମ୍ବନ୍ଧରେ ଆଲୋକପାତ କରି ଆଦିବାସୀମାନଙ୍କ ସଂସ୍କୃତି ଓ ପରମ୍ପରାକୁ ଉଜୀବୀତ କରି ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନିଜର ପରିବାର ତଥା ସନ୍ତାନମାନଙ୍କ ପ୍ରତି ଅଭିଭାବକମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରି ସଚେତନ ନ ହେଲେ ସମାଜ ପଥଭ୍ରଷ୍ଟ ହୋଇଯିବ ବୋଲି ସେ ସତର୍କ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡ଼ି ସଭାପତି ମୂଳିଆ ରାଉଳ, ସ୍ଥାନୀୟ ସରପଞ୍ଚ ଅମୃତ ପାନ୍ନା, ଜଗଦୀଶ ବିଶି, ରାଜ କିଶୋର ପ୍ରଧାନ, ବେନେଦିକ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ବୌଦ୍ଧ ଏସ୍‌ଡ଼ିପିଓ ସାଲିଷ୍ଟିନ ଟିଗା, ନାକଟିଦେଉଳ ବିଡ଼ିଓ ମେଥୋଡ଼ିୟସ ଲାକ୍ରା, ସମ୍ବଲପୁର ଧର୍ମ ପ୍ରଦେଶର ସଂଚାଳକ ଅନିଲ କୁମାର କୁଜୁର, ପୂର୍ବତନ ଜିଲା ବିଜେଡ଼ି ସଭାପତି ପ୍ରମୋଦ କୁମାର ରଥ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଡ଼ମାଳ ଚର୍ଚ୍ଚର ଫାଦର ଯୁଗଳ କିଶୋର ହରୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମହିଳାମାନେ ପାରମ୍ପାରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।



ବଡ଼ମାଳ ସେଣ୍ଟ ଆନ୍ଥୋନୀ ଚର୍ଚ୍ଚ ପରିସରରେ ଅନୁଷ୍ଠିତ ଅଭିଭାବକ ସମ୍ମିଳନୀ ।

# କ୍ରଶର ପାଇଁ ପଥର ବ୍ଲାଷ୍ଟିଂକୁ ଗ୍ରାମବାସୀଙ୍କ ବିରୋଧ

■ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଉପଜିଲାପାଳଙ୍କଠାରେ ଅଭିଯୋଗ

ରେଢାଖୋଲ୧୬।୨(ଡି.ଏନ.ଏ.) ରେଢ଼ାଖୋଲ ବ୍ଲକ ବଂଶାଜାଲ ପଞ୍ଚାୟତର ହେଲେଇ ଗ୍ରାମ ନିକଟରେ ଥିବା ଏକ କ୍ରଶର ପାଇଁ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଉଛି। ପଥର ବ୍ଲାଷ୍ଟିଂ ଯୋଗୁ ଅଞ୍ଚଳବାସୀ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଲୋକେ ଏବେ ବିରୋଧ କରୁଛନ୍ତି। ରତ୍ନାବଡମାଳ ଗ୍ରାମବାସୀ ଓ ପଞ୍ଚଖଣ୍ଡା ଯୁବକ ସଂଘ ପକ୍ଷରୁ ଏହି ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ଉପଜିଲ୍ଲାପାଳ ବିଶିକେସନ ଦେହୁରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏଥିଯୋଗୁ ଆଖପାଖ ଅଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଛୋଟ ଛୋଟ ପଥର ଖଣ୍ଡ ଗୁଡିକ ପଡୁଛି। ଚାଷଜମି ଗୁଡିକରେ ପଥରଖଣ୍ଡ ଓ ଗୁଣ୍ଡ ପଡିବା ଯୋଗୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପଥର ବ୍ଲାଷ୍ଟିଂ ବେଳେ ପଚଣ୍ଡ ଶବ୍ଦ ହୋଇ ଅଞ୍ଚଳକୁ ଥରାଇ ଦେଉଛି। ଅନେକ ଘର ଓ ମନ୍ଦିରରେ ଫାଟ ସୃଷ୍ଟି ହୋଇଛି। ପଥର ଖଣ୍ଡ ଗୁଡିକ ଗୃହପାଳିତ ପଶୁଙ୍କ ଉପରେ ପଡିବା ଯୋଗୁ ଖଣ୍ଡିଆ ଖାବରା ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି। କ୍ରଶରର ଧୂଳିଗୁଣ୍ଡ ଉଡି ପରିବେଶ ପ୍ରଦୂଷଣ ହେବା ସହ ଗ୍ରାମବାସୀ ରୋଗଗ୍ରସ୍ତ ହେଉଛନ୍ତି। ଏଣୁ ଏହି ବେଆଇନ ପଥର ବ୍ଲାଷ୍ଟିଂକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ। ସରକାରଙ୍କ ନୀତି ନିୟମକୁ ଉଲଂଘନ କରି ଚାଲିଥିବା ଏହି କ୍ରଶରକୁ ମଧ ବନ୍ଦ କରାଯାଉ। ୭ ଦିନ ଭିତରେ ପଦକ୍ଷେପ ନିଆଯାଉ। ନ ହେଲେ ଗ୍ରାମବାସୀ ଓ ପଞ୍ଚଖଣ୍ଡା ଯୁବକ ସଂଘର କର୍ମକର୍ତ୍ତା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଶନିବାର ଉପଜିଲାପାଳଙ୍କୁ ଏଭଳି ଲିଖିତ ଅଭିଯୋଗ କରାଯାଇଛି। ଜିତେନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ପ୍ରଧାନ, ଗଣେଶରାମ ପ୍ରଧାନ, ନବକିଶୋର ନାଏକ ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଏକ ମିଳିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ଏମାନଙ୍କୁ କହିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ବର୍ଷ ଏହି କ୍ରଶରରେ ଏଭଳି ବେଆଇନ ବ୍ଲାଷ୍ଟିଂ ବେଳେ ବିହାର ଅଞ୍ଚଳର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତଥାପି କ୍ରଶର ମାଲିକଙ୍କ ଭୟ ନାହିଁ କି ପ୍ରଶାସନର ଚିନ୍ତା ନାହିଁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଫେବୃୟାରୀ ୧୭/୨୦୧୯ Sambalpur, Sunday, February 17 / 2019


## ସଂକ୍ଷେପରେ

### ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ : ବଜରଙ୍ଗ କ୍ଲବ ଫାଇନାଲରେ

ଅମରପାଲି, ୧୬।୨ (ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲଠାରେ ନବମ ମା' ବନଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି । ମଧୁସୂଦନ ପଣ୍ଡା ମୁଖ୍ୟଅତିଥି ଏବଂ କ୍ରୀଡାବିତ ମହେନ୍ଦ୍ର ସିଂ, ସୁଧାନନ୍ଦ ନାଏକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ବଜରଙ୍ଗ କ୍ଲବ ବୀରମହାରାଜପୁର ଓ ଟେଭାପଦର ମଧରେ ହୋଇଥିଲା । ଏଥିରେ ବୀରମହାରାଜପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପିତାମହୁଲ ଓ ମୁର୍ଷୁଣ୍ଡୀ ମଧରେ ହୋଇଥିଲା। ଏଥିରେ ମୁର୍ଷୁଣ୍ଡୀ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା ବୀରମହାରାଜପୁର ଓ ଦ୍ୱିତୀୟ ମ୍ୟାଚର ବିଜେତା ମୁର୍ଷୁଣ୍ଡୀ ମଧରେ ଖେଳ ହୋଇଥିଲା। ସେମିଫାଇନାଲରେ ମୁର୍ଷୁଣ୍ଡୀକୁ ହରାଇ ବୀରମହାରାଜପୁର ଫାଇନାଲରେ ପ୍ରବେଶ କରିଛି । ଖେଳଗୁଡ଼ିକୁ ମନୋଜ କୁମାର ପାଣ୍ଡେ ଓ ଶ୍ରବଣ କୁମାର ସିଂ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ସାହୁ ସ୍କୋରିଂ ଏବଂ ଦିବ୍ୟଲୋଚନ ଗଡୁଆ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ୨ ଓଡ଼ିଆ ଶହୀଦଙ୍କ ପରିବାରକୁ ମାସକର ଦରମା ଦେବେ ଡାକ୍ତର

ସମ୍ବଲପୁର,୧୬।୨(ବ୍ୟୁରୋ): ଜମ୍ମୁକଶ୍ମୀର ପୁଲଓ୍ୱାମାରେ କାରବୋମା ବିସ୍ଫୋରଣ ଯୋଗୁ ୪୦ରୁ ଅଧିକ ସିଆରପିଏଫ ଯବାନ ଶହୀଦ ହୋଇଛନ୍ତି। ଏହି ଖବର ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କରିଛି। ଦେଶ ସ୍ତବ୍ଧ। ଏଥିରେ ଦୁଇ ଓଡ଼ିଆ ସିଆରପିଏଫ୍ ଯବାନ କଟକ ଜିଲା ନିଆଳି ବ୍ଲକ୍ ରତନପୁର ଗାଁର ମନୋଜ ବେହେରା (୩୨)ଙ୍କ ଜୀବନ ଯାଇଛି। ସେହିଭଳି ଜଗତସିଂହପୁର ଜିଲା ନାଉଁଗାର ପ୍ରସନ୍ନଜିତ ସାହୁ (୪୬) ମଧ ଶହୀଦ ହୋଇଛନ୍ତି। ତେବେ ମନୋଜ ଓ ପ୍ରସନ୍ନଙ୍କ ଦୁଇ ପିଲାଙ୍କ ପଢା ଖର୍ଚ୍ଚ ପାଇଁ ବୁର୍ଲା ମେଡିକାଲ କଲେଜ (ଭିମ୍‌ସାର)ର ସିନିୟର ରେସିଡେନ୍ସ ଡାକ୍ତର ଶଙ୍କର ରାମଚନ୍ଦାନୀ ତାଙ୍କର ଗୋଟିଏ ମାସର ଦରମା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ ଶହୀଦଙ୍କ ପରିବାରକୁ ସିଧାସଳଖ ଆକାଉଣ୍ଟ ମାଧମରେ ନଚେତ୍ ଜିଲା ପ୍ରଶାସନ ମାଧମରେ ସେ ଏହି ଟଙ୍କା ଦାନ କରିବେ ବୋଲି ଘୋଷଣା କରିଛନ୍ତି।

## ୧୦ମ ବିଳାସପୁର ଲୋକଉତ୍ସବ ଉଦ୍‌ଘାଟିତ

# ଚୁଟକୁଚୁଟା, ଧୁଲାବିହାରେ କମ୍ପିଲା କଳାମଣ୍ଡପ




ବିଳାସପୁର ଲୋକଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଗୁଡଭେଲିପଦର, ୧୬।୨ (ଡି.ଏନ.ଏ) ବୌଦ୍ଧ ଜିଲା ବିଳାସପୁରଠାରେ ୧୦ମ ଲୋକଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସକାଳୁ ବିଳାସପୁର ଶିବ ମନ୍ଦିରରୁ ଏକ ବିରାଟ ମଶାଲ ଶୋଭଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ସାଧବ କ୍ଷେତି କଳାମଣ୍ଡପରେ ପହଞ୍ଚିଥିଲା । ସନ୍ଧ୍ୟା ୭ଟା ସମୟରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଣ୍ଟାମାଳ ବ୍ଲକ ଅଧକ୍ଷା ଯଜ୍ଞେଶ୍ୱରୀ ପ୍ରଧାନ ମୁଖ୍ୟଅତିଥି, ବିଳାସପୁର ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ଖମାରୀ ସମ୍ମାନିତ ଅତିଥି, ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ମଦନମୋହନ କ୍ଷେତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଆମ ଅଞ୍ଚଳର କଳା ଓ ସଂସ୍କୃତି ଐତିହ୍ୟସମ୍ପନ୍ନ ବୋଲି ମୁଖ୍ୟଅତିଥି ପ୍ରଧାନ ବ୍ୟକ୍ତ କରିଥିଲେ। ବିଳାସପୁର ଭଳି ଏକ କ୍ଷୁଦ୍ର ଗ୍ରାମରେ ଏଭଳି ଏକ କାର୍ଯ୍ୟକ୍ରମ ହୋଇପାରିଥିବାରୁ ମୁଖ୍ୟବକ୍ତା କ୍ଷେତି ପ୍ରଶଂସା କରିଥିଲେ। ଲୋକଉତ୍ସବର ସଭାପତି ସୌରଭରଞ୍ଜନ ଖମାରୀ, ସଂଯୋଜକ ରାଜୀବ ନାୟକ ଓ ଆବାହକ ଅଜିତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ବଲାଙ୍ଗୀରର ଝାରବଉଳି କଳାପରିଷଦ ଦ୍ୱାରା ପରିବେଷିତ ପଞ୍ଚରଶୀ, ରଙ୍ଗବତୀ ବେଶ୍ ଆଦୃତ ହୋଇଥିଲା । ବରପଦରର ବଉଳି କଳାପରିଷଦ ଦ୍ୱାରା ପରିବେଷିତ ଚୁଟକୁଚୁଟା, ଧୁଲାବିହାରେ ଉପସ୍ଥିତ ଶହ ଶହ ଦର୍ଶକ ଝୁମି ଉଠିଥିଲେ। ସେହିପରି ଉଲୁଣ୍ଡାର ରସରକେଲି, ଚୁଟକୁଚୁଟା ଓ ବିଳାସପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷିତ ହୋଇଥିଲା। ହିତେନ୍ଦ୍ର ମେଣ୍ଡିଲି ଓ କୁନା ନାୟକ ମଞ୍ଚ ପରିଚାଳନା କରିଥିଲେ । ଆୟୋଜକ କମିଟି ଉପଦେଷ୍ଟା ସୁଦାମ ଖମାରୀ ଉପସ୍ଥିତ ଥିଲେ ।

# ହଷ୍ଟେଲରୁ ୭ମ ଶ୍ରେଣୀ ଛାତ୍ର ନିଖୋଜ

- ୧୦ ଦିନ ପରେ ଥାନାରେ ଏତଲା
- ପୁଅକୁ ଦୁର୍ବ୍ୟବହାର କରାଯାଉଥିଲା



କୁଆଁରମୁଣ୍ଡାର ସରଣ୍ଡାମାଳସ୍ଥିତ ଡନବସ୍କୋ ସ୍କୁଲରୁ ନିଖୋଜ ହୋଇଥିବା ଛାତ୍ର ଅରୁଣ ଗୋପ ।

କୁଆଁରମୁଣ୍ଡା,୧୬।୨(ଡି.ଏନ୍.ଏ.) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ସରଣ୍ଡାମାଳରେ ଥିବା ଡ଼ନବସ୍କୋ ଓଡ଼ିଆ ମାଧ୍ୟମ ସ୍କୁଲରୁ ଜଣେ ୭ମ ଶ୍ରେଣୀର ଛାତ୍ର ନିଖୋଜ ହୋଇଯାଇଛନ୍ତି। ୧୦ଦିନ ପରେ ଶନିବାର ଏନେଇ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ହେଉଛନ୍ତି ଅରୁଣ ଗୋପ (୧୪)। ଏନେଇ ଦଫା ୩୬୩ରେ ଏକ ମାମଲା (ନଂ. ୧୭/୨୦୧୯) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଛି ବୋଲି ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି।

ସ୍କୁଲରୁ ଛାତ୍ର ନିଖୋଜ ହେବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଏ ନେଇ ସ୍କୁଲ ପକ୍ଷରୁ ଥାନାରେ କୌଣସି ସୂଚନା ନ ଦେବା ଘଟଣା ସନ୍ଦେହ ସୃଷ୍ଟି କରିଛି। କୋଇଡାରେ ରହୁଥିବା ନିଖୋଜ ଛାତ୍ରଙ୍କ ବାପା ପୋଦୁ ଗୋପ ଘଟଣା ସମ୍ପର୍କରେ ଜାଣିବା ପରେ କୁଆଁରମୁଣ୍ଡା ଫାଣ୍ଡିକୁ ଆସି ଅଭିଯୋଗ କରିଛନ୍ତି। ଏ ନେଇ ଡନବସ୍କୋ ସ୍କୁଲର ଅଧ୍ୟକ୍ଷ ଭାଲେ ଟପ୍ପୋଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଲେ ଯେ, ଏ ବିଷୟରେ ଆମେ ଘଟଣା ଦିନ ତାଙ୍କ ପରିବାରକୁ ଜଣାଇବା ସହ ଖୋଜାଖୋଜି ଚଳାଇଛୁ। କିନ୍ତୁ ସ୍ଥାନୀୟ ପୋଲିସକୁ କୌଣସି ଖବର ଦେଇ ନ ଥିଲୁ। ଏଠାରେ ପ୍ରଶ୍ନ ଉଠୁଛି ଯେ, ଛାତ୍ର ଅରୁଣ କେଉଁ ପରିସ୍ଥିତିରେ ହଷ୍ଟେଲରୁ ନିଖୋଜ ହେଲେ। ଅରୁଣଙ୍କୁ ଚୋର, ବଦମାସ କହି ଦୁର୍ବ୍ୟବହାର କରାଯାଉଥିଲା ବୋଲି ତାଙ୍କ ମା' ବାରମତି ଗୋପ ଅଭିଯୋଗ କରିଛନ୍ତି। ଗାଳିଗୁଲଜ ଦିଆଯାଉଥିବାରୁ ସେ ସହି ନ ପାରି କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ଏବେ ମୋ ପୁଅକୁ ସ୍କୁଲ କର୍ତ୍ତୃପକ୍ଷ ମୋତେ ଦିଅନ୍ତୁ ବୋଲି ବାରମତି କାନ୍ଦିକାନ୍ଦି କହିଛନ୍ତି।

# ବାଲୁକା କଳାରେ ଭୋଟ ସଚେତନତା

ପୁରୀ ଅଫିସ,୧୬।୨

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ କରିବା ଲାଗି ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ନିର୍ବାଚନ କମିଶନ। ନୂଆ ଭୋଟର ଯେପରି ମତଦାନରୁ ଦୂରେଇ ନ ଯିବେ ତାହା ଉପରେ ଅଧିକ ଫୋକସ ଦିଆଯାଉଛି। ବ୍ୟକ୍ତିଗତ ଉଦ୍ୟମରେ ମଧ ଭୋଟଦାନ ଲାଗି ସଚେତନ କରାଯାଉଛି। ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା କଳାରେ ଭୋଟଦାନ ଲାଗି ସଚେତନତା ସୃଷ୍ଟି କରିଛନ୍ତି। ମାନସଙ୍କ ଏହି ବାଲୁକା କଳାକୁ ଶନିବାର ସନ୍ଧ୍ୟାରେ ନିର୍ବାଚନ କମିଶନ (ଇସି) ଅଶୋକ ଲାଭାସା ଉଦ୍‌ଘାଟନ କରିଛନ୍ତି। ଏଥିସହ ସେ ମାନସ ସାହୁ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ,




ନିର୍ବାଚନ କମିଶନ ଅଶୋକ ଲାଭାସା ଓ ଅନ୍ୟମାନେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା ଦେଖୁଛନ୍ତି।

### ଉଦ୍‌ଘାଟନ କଲେ ଇସି

ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

ବଳିଆପଣ୍ଡା ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିରେ ଏହି ବାଲୁକା କଳା ତିଆରି କରିଛନ୍ତି ମାନସ। ଏଥିରେ ଇଭିଏମ୍ ଏବଂ ଭିଭିପ୍ୟାଟ୍ ମେଶିନ ରହିଛି। ଏହା କିପରି ସ୍ୱଚ୍ଛ ଭୋଟଦାନ ପାଇଁ ଉପଯୁକ୍ତ ତାହା ସେ ଦର୍ଶାଇଛନ୍ତି। 'ଜଣେ ଲୋକ, ଖଣ୍ଡିଏ ଭୋଟ' ବାର୍ତ୍ତା ରହିଥିବା ଏହି ବାଲୁକା କଳାର ଉଚ୍ଚତା ପ୍ରାୟ ୧୦ ଫୁଟ ରହିଥିବାବେଳେ ଏଥିରେ ୨୦ ଟନ୍ ବାଲି ବ୍ୟବହାର କରାଯାଇଥିବା କହିଛନ୍ତି ଶିଳ୍ପୀ ମାନସ।

# ଘରୋଇ କଳିରୁ ମା'ଙ୍କୁ ହତ୍ୟା, ପୁଅ ଗିରଫ

ଲଇକେରା/ କିର୍ମିରା, ୧୬।୨ (ଡି.ଏନ୍.ଏ.) ଘରୋଇ କଳିକୁ କେନ୍ଦ୍ର କରି ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ରଙ୍ଗିଆଟିକ୍ରା ଗ୍ରାମ ହରିଜନ ପଡ଼ାର ଲୋକେଶ୍ୱର କୁସୁମ (୩୨) ଇଟା ଏବଂ ବ୍ୟାଟରେ ପିଟି ନିଜ ମା' ଅସ୍ମିତା କୁସୁମ (୬୦)ଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଛି। ଲୋକେଶ୍ୱରଙ୍କୁ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱପତି ପଣ୍ଡା କହିଛନ୍ତି। ସୂଚନା ମୁତାବକ, ଲୋକେଶ୍ୱର ଜଣେ ଦିବ୍ୟାଙ୍ଗ ଅଟନ୍ତି। ଝାରସୁଗୁଡ଼ା ବେଦାନ୍ତ କାରଖାନାରେ ଠିକା ଶ୍ରମିକ ଭାବେ କାମ କରୁଥିବାରୁ ସେ ଝାରସୁଗୁଡ଼ାରେ ରହନ୍ତି। ୨୦୦୬ରୁ ଲୋକେଶ୍ୱରଙ୍କ ବିବାହ ହୋଇଛି ଏବଂ ତାଙ୍କର ଦୁଇ ପୁଅ ଅଛନ୍ତି। ତେବେ ସ୍ତ୍ରୀଙ୍କ ସହ ଲୋକେଶ୍ୱରଙ୍କ ଭଲ ସମ୍ପର୍କ ନାହିଁ। ତେଣୁ ସ୍ତ୍ରୀ ନିଜ ଭଉଣୀ ଘର ସାରସମାଲରେ ରହନ୍ତି। ଦୁଇ ପୁଅ ଜେଜେବାପା ଜେଜେମାଙ୍କ ସହ ଗାଁରେ ରହନ୍ତି। ଶୁକ୍ରବାର ଲୋକେଶ୍ୱର ଭିନ୍ନକ୍ଷମ ଭତ୍ତା ନେବା ପାଇଁ ଗାଁକୁ ଆସିଥିଲେ। ତେବେ ଏହା ପୂର୍ବରୁ ତାଙ୍କ ସ୍ତ୍ରୀ ଗାଁରେ ପହଞ୍ଚି ସାନପୁଅକୁ ନେଇ ସାରସମାଲ ପଳାଇ ଯାଇଥିଲେ। ଏହି କାରଣରୁ ଲୋକେଶ୍ୱର ନିଜ ମା' ଓ ବାପାଙ୍କ ସହ ଗଣ୍ଡଗୋଳ କରିଥିଲେ। ଉତ୍ୟକ୍ତ ହୋଇ ଇଟା ଏବଂ ବ୍ୟାଟରେ ମା'ଙ୍କ ମୁଣ୍ଡକୁ ପ୍ରହାର କରି ସେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଅସ୍ମିତାଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଶନିବାର ଭୋରରୁ ତାଙ୍କର ମୃତ୍ୟୁ ହୋଇଛି। ଏ ବାବଦରେ ସମ୍ପର୍କୀୟ ଚିନ୍ତାମଣି ମହାନନ୍ଦଙ୍କ ଅଭିଯୋଗକ୍ରମେ ପୋଲିସ ଲୋକେଶ୍ୱରଙ୍କୁ ଗିରଫ କରିଛି।




# ସ୍କୁଲଠାରୁ ୨୦କିମି ଦୂରରେ ପରୀକ୍ଷା କେନ୍ଦ୍ର

**ବୀରମହାରାଜପୁର ବ୍ଲକ**
- ବିଭାଗୀୟ ଅଧିକାରୀଙ୍କ ମନମୁଖୀ, ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ
- ଅଭିଭାବକ, ଛାତ୍ରୀଛାତ୍ରଙ୍କ ମଧରେ ବଢୁଛି ଅସନ୍ତୋଷ
- ଘଟଣାକୁ ଦେଖି ଆବଶ୍ୟକ ପଦକ୍ଷେପ ନିଆଯିବ: ଡିଇଓ

ଅମରପାଲି, ୧୬।୨(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଲୁଡୁରପଙ୍କ ହାଇସ୍କୁଲ ଓ ଅମରପାଲି ହାଇସ୍କୁଲଉର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ପାଇଁ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶିକ୍ଷା ବିଭାଗର ଗାଇଡଲାଇନ ଅନୁଯାୟୀ ପ୍ରତ୍ୟେକ ସ୍କୁଲର ପରୀକ୍ଷା କେନ୍ଦ୍ର ସମ୍ପୃକ୍ତ ସ୍କୁଲଠାରୁ ୫କିମି ଦୂରରେ ହେବ। ଯଦି ୫କିମି ଦୂରରେ କୌଣସି ପରୀକ୍ଷା କେନ୍ଦ୍ର ନଥିବ ତେବେ ସେହି ସ୍କୁଲର ନିକଟରେ ଥିବା କୌଣସି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମାତ୍ର ଲୁଡୁରପଙ୍କ ହାଇସ୍କୁଲ ଓ ଅମରପାଲି ହାଇସ୍କୁଲର କେନ୍ଦ୍ର ଗାଇଡଲାଇନର ଉଲ୍ଲଂଘନ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବୀରମହାରାଜପୁର ବ୍ଲକର ପଞ୍ଚାୟତ ହାଇସ୍କୁଲ ଲୁଡୁରପଙ୍କର ପରୀକ୍ଷା କେନ୍ଦ୍ର ସ୍କୁଲଠାରୁ ପ୍ରାୟ ୨୦କିମି ଦୂରରେ ହୋଇଥିବା ବେଳେ ବହଲପଦର ପଞ୍ଚାୟତର ଅମରପାଲି ହାଇସ୍କୁଲର ପରୀକ୍ଷା କେନ୍ଦ୍ର ସ୍କୁଲଠାରୁ ପ୍ରାୟ ୧୫କିମି ଦୂରରେ ହୋଇଛି । ଅମରପାଲି ହାଇସ୍କୁଲର ଚଳିତ ବର୍ଷ ରେଗୁଲାରରେ ୧୪୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନଙ୍କ ମଧରୁ ୭୮ଜଣ ବାଳକ ଓ ୬୫ ଜଣ ବାଳିକା । ସେହିପରି ଲୁଡୁରପଙ୍କ ହାଇସ୍କୁଲରୁ ୭୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୫ଜଣ ଛାତ୍ରୀ ଓ ୨୭ ଜଣ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଲୁଡୁରପଙ୍କ ହାଇସ୍କୁଲଠାରୁ ପ୍ରାୟ ୬କିମି ଦୂରରେ ମୁର୍ଷୁଣ୍ଡୀ ହାଇସ୍କୁଲ ଓ ଖଣ୍ଡହତାସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିଲେ ମଧ ଉକ୍ତ ସ୍କୁଲର କେନ୍ଦ୍ର ପ୍ରାୟ ୨୦କିମି ଦୂରରେ ଥିବା ସୁବଳୟା ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିପରି ଜିଲାର ସୀମାନ୍ତରେ ଥିବା ଅମରପାଲି ହାଇସ୍କୁଲରୁ ୫କିମି ଦୂରରେ ଲୁଡୁରପଙ୍କ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ଥିବା ବେଳେ ୧୫କିମି ଦୂରରେ ଥିବା ଖଣ୍ଡହତା ହାଇସ୍କୁଲରେ ଏହି ସ୍କୁଲର ପରୀକ୍ଷା କେନ୍ଦ୍ର କରାଯାଇଛି। ପରୀକ୍ଷା ଦେଇଯିବା ପାଇଁ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖିନ ହେବେ। ଛାତ୍ରୀଛାତ୍ରମାନେ ଠିକ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରିବା ନେଇ ସନ୍ଦେହ ଦେଖାଯାଇଛି। ଉକ୍ତ ଅଞ୍ଚଳର ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ପରିବାର ମଧ୍ୟରୁ ଅଧିକାଂଶ ଗରିବ ଓ ଦିନ ମଜୁରିଆ ହୋଇଥିବା ବେଳେ ପ୍ରାୟ ଏକ ତୃତୀୟାଂଶ ଆଦିବାସୀ ଶ୍ରେଣୀର ଅଟନ୍ତି। ଫଳରେ ସମ୍ପୃକ୍ତ ଛାତ୍ରୀଛାତ୍ର ଏବେ ଚାପରେ ଅଛନ୍ତି। ପରୀକ୍ଷା କେନ୍ଦ୍ର ନିରୂପଣ କଲାବେଳେ ବିଭାଗୀୟ ଅଧିକାରୀଙ୍କ ମନମୁଖୀ ଓ ତ୍ରୁଟିପୂର୍ଣ୍ଣ ନିର୍ଣ୍ଣୟ ଯୋଗୁଁ ସମ୍ପୃକ୍ତ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହେବାକୁ ଶିକ୍ଷାବିତ୍‌ମାନେ ନାପସନ୍ଦ କରିଛନ୍ତି। ଏନେଇ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏପରି ନହେବା କଥା । ମୁଁ ଘଟଣାକୁ ଦେଖି ଆବଶ୍ୟକ ପଦକ୍ଷେପ ନେବି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ସଂକ୍ଷେପରେ**

## କଂସ ବଧ ସହ ଧନୁଯାତ୍ରା ସରିଲା

**ଅମ୍ବାଭୋନା, ୧୬।୨ (ଡି.ଏନ.ଏ):** ଅମ୍ବାଭୋନା ବ୍ଲକ ଲେଲେହର-ଚଣ୍ଡିପାଲିରେ ସାତଦିନ ଧରି ଚାଲିଥିବା ୧୧ତମ ବିରାଟ ଧନୁଯାତ୍ରା ମହୋତ୍ସବ କଂସ ବଧ ପରେ ଉଦ୍‌ଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ କୃଷ୍ଣ, ବଳରାମଙ୍କୁ ନେଇ ଅକ୍ରୁରଙ୍କ ମଥୁରା ପ୍ରବେଶ, କୃଷ୍ଣ, କୁବଳୟା ହସ୍ତ ବଧ ଏବଂ ଶେଷରେ କୃଷ୍ଣ ବଳରାମଙ୍କ ହାତରେ କଂସର ନିଧନ ହୋଇଥିଲା । କଂସ ବଧ ପରେ ଧନୁଯାତ୍ରା ଉଦ୍‌ଯାପିତ ହେଲା । ବର୍ଷା ଓ ପବନ ବହିବା ଯୋଗୁ ଧନୁଯାତ୍ରା ମଞ୍ଚ ଭାଙ୍ଗି ଯାଇଥିଲା । କିନ୍ତୁ ତତକ୍ଷଣାତ୍ ଗ୍ରାମବାସୀ ତଥା ଧନୁଯାତ୍ରା କମିଟି ମଞ୍ଚକୁ ସଜାଡି ଦେଇଥିଲେ। ଶାନ୍ତି ଶୃଙ୍ଖଳା ସହ ଧନୁଯାତ୍ରା ସମାପନ ହୋଇଥିବା କମିଟି ସଭାପତି ହୀରାଧର ସାହୁ ଜଣାଇଛନ୍ତି। କଂସ ଭୂମିକାରେ ଗୋପାଳ ପଣ୍ଡା ଏବଂ ନାରଦ ତଥା ଅକ୍ରୂର କଳାକାର ପାର୍ଥ ଭାଟିଙ୍କୁ କମିଟି ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା ।

## କନ୍ଧମାଳ ବନ୍ଦ ଡାକରା ସ୍ଥଗିତ

**କନ୍ଧମାଳ,୧୬।୨ (ଡି.ଏନ.ଏ):** ଆସନ୍ତା ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଘଣ୍ଟାପଡା ଗସ୍ତ ଥିବାରୁ ବୌଦ୍ଧ ଜିଲା କନ୍ଧମାଳ ଓକିଲ ସଂଘ ଦେଇଥିବା ବନ୍ଦ ଡାକରାକୁ ସ୍ଥଗିତ ରଖିଛି । ଏ ନେଇ ଶନିବାର ଏକ ପ୍ରେସ ଇସ୍ତାହାରରେ ସଂଘ ପକ୍ଷରୁ କୁହାଯାଇଛି ଯେ, ଜିଲା ପ୍ରଶାସନ ସଂଘର ୫ ଦଫା ଦାବି ସମ୍ପର୍କରେ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ପ୍ରତିଶ୍ରୁତି ଦେଇଥିବାରୁ ଏହି ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଛି । ଶୁକ୍ରବାର ଏ ନେଇ ଜିଲାପାଳ କନ୍ଧମାଳ ଆସି ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଓକିଲ ସଂଘର ୧୨ ଘଣ୍ଟିଆ ବନ୍ଦ ଡାକରା ସ୍ଥଗିତ ରହିବା ପରେ ବିଧାୟକ ମହୀଧର ରଣାଙ୍କୁ ଆଶ୍ୱସ୍ତି ମିଳିଛି । ତଥାପି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟରାସ୍ତାର କିଛି ସ୍ଥାନରେ ବିଧାୟକଙ୍କ ବିପକ୍ଷରେ ଲେଖାଯାଇଛି ।

■ ରୌପ୍ୟ ଜୟନ୍ତୀ ସମାରୋହରେ ମତପ୍ରକାଶ

# ଭଲ ମଣିଷ ସମାଜକୁ ସୁଧାରିଥାଏ

**ବରଗଡ଼ ଅଫିସ୍,୧୬।୨**

ଉଚ୍ଚ ମାଧ୍ୟମିକ ଶିକ୍ଷାସ୍ତରରେ ମଣିଷ ହେବାର ସୁଯୋଗ ରହିଥାଏ । ପାଠ୍ୟ ଜୀବନର ଏହି ସମୟରେ ଛାତ୍ରୀଛାତ୍ର ନିଜର ଆଗାମୀ ସ୍ୱପ୍ନକୁ ଦେଖିବା ଆରମ୍ଭ କରିଥାନ୍ତି । ଫଳରେ ଭଲ ମଣିଷ ହେବାର ସୁଯୋଗକୁ ହାତଛଡ଼ା ନ କରି ଏହି ସମୟକୁ ଛାତ୍ରୀଛାତ୍ରମାନେ ସଦୁପଯୋଗ କରିବା ଉଚିତ୍ । କାରଣ ଜଣେ ଭଲ ମଣିଷ ଗୋଟିଏ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସହିତ ପଥଭ୍ରଷ୍ଟ ସମାଜକୁ ପରିବର୍ତ୍ତନ ମଧ୍ୟ କରିପାରେ । ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଶରଧାପାଲିଠାରେ ଶନିବାର ଅନୁଷ୍ଠିତ ଗିରିଧାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି ।

ପ୍ରଥମ ଅଧିବେଶନରେ ପରମେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ



ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

ଯୋଗଦେଇ ଏହି ସମାରୋହର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ନିରଞ୍ଜନ ପଣ୍ଡା, ରସିକ ଚନ୍ଦ୍ର ବେହେରା, ଯଦୁମଣି ସାହୁ, ଦୁଷ୍ମନ୍ତ ବରିହା, ଟଙ୍କଧର ପ୍ରଧାନ, ପୂର୍ଣ୍ଣିମା ଦୋରାଙ୍କ ସମ୍ପାଦନାରେ କଲେଜର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମରଣିକା 'ଅନ୍ୱେଷା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ବିରେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେହିପରି ଧନଞ୍ଜୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ କଲେଜ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସ୍ମୃତିଚାରଣ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବା ପାଇଁ ଆହ୍ୱାନ କରିଥିଲେ ।

ସନ୍ୟାସୀ ନୀଳାମ୍ବର ଆଚାର୍ଯ୍ୟ, କୃଷକନେତା କିଶୋର ଦେବତା, କଲେଜ ଅଧ୍ୟକ୍ଷ ଉଚ୍ଛାଟନନ୍ଦ ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ରମଣୀ ରଞ୍ଜନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ରବିବାର ଏହି ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ଡ୍ରାମା ପରିବେଷଣ କରାଯାଇଥିଲା । କୁମୁଦ ନାୟକ, ସୁଦର୍ଶନ ବାରିକ, ନବୀନ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

■ ଟେକ୍ନୋସଙ୍ଗମ ପ୍ରୋଜେକ୍ଟ ପ୍ରତିଯୋଗିତା

# ଦ୍ୱିତୀୟ ସ୍ଥାନରେ ବିକାଶ ପଲିଟେକ୍ନିକ୍ ଛାତ୍ରଙ୍କ ପ୍ରକଳ୍ପ

**ବରଗଡ଼ ଅଫିସ୍,୧୬।୨**

ସ୍ଥାନୀୟ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ସମ୍ବଲପୁରଠାରେ ଆୟୋଜିତ ଟେକ୍ନୋସଙ୍ଗମ ପ୍ରୋଜେକ୍ଟ ପ୍ରତିଯୋଗିତାରେ ବିକାଶ ପଲିଟେକନିକ୍ ଛାତ୍ରଙ୍କ ପ୍ରକଳ୍ପ ସ୍ମାର୍ଟ ଲଗେଜ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ପ୍ରକଳ୍ପକୁ ବିକାଶ ପଲିଟେକ୍ନିକ୍‌ର ଦ୍ୱିତୀୟ ବର୍ଷ ଛାତ୍ର ଅରୁଣ କୁମ୍ଭାର, ଅଂଶୁମାନ ମହାପାତ୍ର, ପ୍ରଥମବର୍ଷର ଛାତ୍ର ଶୁଭମ କୁମାର ଦାଶ, କୁନାଲ ଗଡ଼ତିଆଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଅଲଟ୍ରାସୋନିକ ରାଡ଼ାର ସେନ୍‌ସର ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ବିଚାରକ ମଣ୍ଡଳୀ, ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଶନିବାର ଅନୁଷ୍ଠିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ବାର୍ଷିକୋତ୍ସବ ଅବସରରେ ବିକାଶ ଛାତ୍ରଙ୍କୁ ଟ୍ରଫି ସହିତ ୫ହଜାର ଟଙ୍କାର ଆର୍ଥିକ ରାଶି ବିକାଶ ଅନୁଷ୍ଠାନର ଡାଇରେକ୍ଟର (ଆଡମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏବଂ ବିକାଶ ପଲିଟେକ୍ନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା । ଏହି ସଫଳତା ପାଇଁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏଭଳି ଲାଇଭ୍ ପ୍ରୋଜେକ୍ଟ କରିବାକୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କୃତୀ ଛାତ୍ର ଏବଂ ରୋବୋଟିକ୍ସ କ୍ଲବ ଦାୟିତ୍ୱରେ ଥିବା ଅଧ୍ୟାପକ ପଙ୍କଜ କୁମାର, କୋର୍ଡ଼ିନେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଲ୍ଲେଖନୀୟ, ଗତ ୨ ଓ ୩ତାରିଖରେ ଭିଏସଏସ୍‌ୟୁଟି, ବୁର୍ଲାଠାରେ ଅନୁଷ୍ଠିତ ପ୍ରୋଜେକ୍ଟ ପ୍ରତିଯୋଗିତାରେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ରୋବୋଟିକ୍ସ କ୍ଲବର ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ ।

**ବିକାଶ ପଲିଟେକ୍ନିକ୍**




ବିକାଶ ଛାତ୍ରମାନେ ପୁରସ୍କାର ଗ୍ରହଣ କରୁଛନ୍ତି ।

# ଏସ୍‌ପିଏଫ ଅନୁଦାନରେ ପାତରଅନ୍ତର ଅଭିଯୋଗ

**ମନମୁଣ୍ଡା, ୧୬।୨(ଡି.ଏନ.ଏ)**

ସାଧାରଣ ନିର୍ବାଚନ ପୂର୍ବରୁ ତଥା ଶେଷ ପର୍ଯ୍ୟାୟ ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ (ଏସ୍‌ପିଏଫ) ଅନୁଦାନ ପ୍ରଦାନ କ୍ଷେତ୍ରରେ ବୌଦ୍ଧ ଜିଲା କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଜୋନ୍ ନଂ. ୩ ପ୍ରତି ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି ।

ପ୍ଲାନିଂ ଆଣ୍ଡ କନଭରଜେନ୍ସ ବିଭାଗ ଚିଠି ନ.୧୧୨୨/୩୧।୧।୧୯ ଅନୁଯାୟୀ ୨୦୧୮-୧୯ରେ ବୌଦ୍ଧ ଜିଲା ଏସ୍‌ପିଏଫ ଅନୁଦାନରେ ମୋଟ ୮୨ଟି ପ୍ରକଳ୍ପ ପାଇଁ ୧କୋଟି ୫୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଜିଲା ଯୋଜନା ଏବଂ ମନିଟରିଂ ୟୁନିଟ ଅର୍ଡର ନଂ.୭୨/୨।୨।୧୯ରୁ ପ୍ରାପ୍ତ ସୂଚନାମତେ ହରଭଙ୍ଗା ବ୍ଲକର ୧୯ଟି ପ୍ରକଳ୍ପ ପାଇଁ ୩୦ଲକ୍ଷ ୪୦ ହଜାର, ବୌଦ୍ଧ ବ୍ଲକର ୨୪ଟି ପ୍ରକଳ୍ପ ପାଇଁ ୩୭ ଲକ୍ଷ ୬୦ ହଜାର ମଞ୍ଜୁର ହୋଇଥିବା ବେଳେ କନ୍ଧମାଳ ବ୍ଲକ ପାଇଁ ୩୯ଟି ପ୍ରକଳ୍ପ ପାଇଁ ୮୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ବିଧାୟକ ମହୀଧର ରଣା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଥିବାରୁ ସେ ତାଙ୍କ ନିର୍ବାଚନ ମଣ୍ଡଳୀ ପାଇଁ ୧କୋଟି ଟଙ୍କା ଅନୁଦାନ ଆଣିଥିବା ବେଳେ ବୌଦ୍ଧ ନିର୍ବାଚନ ମଣ୍ଡଳୀକୁ ମିଳିଛି ମାତ୍ର ୫୨ ଲକ୍ଷ ଟଙ୍କା ।

ସୂଚନାଯୋଗ୍ୟ, ଏସ୍‌ପିଏଫ ଅନୁଦାନ ପ୍ରଦାନ ପାଇଁ ପିଆର୍ ବିଭାଗ ବିଧାୟକମାନଙ୍କୁ ପ୍ରକଳ୍ପ ତାଲିକା ମାଗିଥାନ୍ତି ଏବଂ ତଦନୁଯାୟୀ ଅନୁଦାନ ମଞ୍ଜୁର ହୋଇଥାଏ । ସେହି ପ୍ରକାରେ କନ୍ଧମାଳ ବ୍ଲକର ଜୋନ ନଂ. ୧ ଅଧୀନ କୁଲାତାଯୋର, ଘଣ୍ଟାପଡା, ଖମନମୁଣ୍ଡା, ଖୁଣ୍ଟିଗୋରା, ଉମା, ଆମ୍ବଗାଁ, ବରଗାଁ, ନାରାୟଣ ପ୍ରସାଦ ପଞ୍ଚାୟତ ପାଇଁ ୨୧ଟି ପ୍ରକଳ୍ପକୁ ସର୍ବାଧିକ ୪୭ ଲକ୍ଷ ୫୦ ହଜାର ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ ଘଣ୍ଟାପଡା ପଞ୍ଚାୟତର ୬ଟି ପ୍ରକଳ୍ପ ପାଇଁ ୧୯ ଲକ୍ଷ ଟଙ୍କା ଦିଆଯାଇଛି । ସେହିପରି ଜୋନ ନଂ. ୨ ଅଧୀନ କନ୍ଧମାଳ, ରେଙ୍ଗାଲି, ଖଲିଆପାଲି, ରୁଣ୍ଡିମହୁଲ, ପଲସାଗୋରା, ଶିମିଳିପଦର, ଦପଲା, ଲମ୍ବସରି ପଞ୍ଚାୟତର ୧୬ଟି ପ୍ରକଳ୍ପ ସକାଶେ ୩୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଅନ୍ୟପକ୍ଷରେ ବୌଦ୍ଧ ବ୍ଲକ ତଥା କନ୍ଧମାଳ ନିର୍ବାଚନ ମଣ୍ଡଳୀ ଅଧୀନ ଜୋନ ନଂ. ୪ର ଶଗଡା, ମନୁପାଲି, ଖଲିଆପାଲି, ରକ୍ସା ଦହ୍ୟା, କସୁରବନ୍ଧ, ଗୁନ୍ଦୁଲିଆ, ଗୋଛାପଡା, ଅଇଁଲାପାଲି, ବହିରା, ମୁଣ୍ଡିପଦର, ବାଉଁଶୁଣି, ତାଲସରଡା ପଞ୍ଚାୟତ ପାଇଁ ୭ଟି ପ୍ରକଳ୍ପ ପାଇଁ ୧୬ ଲକ୍ଷ ଦିଆଯାଇଛି । ତନ୍ମଧ୍ୟରୁ କେବଳ ବାଉଁଶୁଣୀ ପଞ୍ଚାୟତର ୬ଟି ପ୍ରକଳ୍ପ ପାଇଁ ୧୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । କିନ୍ତୁ ଜୋନ ନଂ. ୩ ଅଧୀନ ମନମୁଣ୍ଡା, ଗୁଡଭେଲିପଦର, ବିଳାସପୁର, ଶୁଣ୍ଢିପଦର, ବରଗୋଛା, ଯୋଗୀନ୍ଦ୍ରପୁର, ଖଟଖଟିଆ, ଘିକୁଣ୍ଡି ପଞ୍ଚାୟତ ପାଇଁ କେବଳ ୨ଟି ପ୍ରକଳ୍ପ ସକାଶେ ମାତ୍ର ୪ଲକ୍ଷ ଟଙ୍କା ଦିଆଯାଇଛି । ଏଥିରେ ଜୋନ ନଂ. ୩ ପ୍ରତି ବିଧାୟକଙ୍କ ଆନ୍ତରିକତା ସ୍ପଷ୍ଟ ପ୍ରତୀୟମାନ ହେଉଛି । ସେହିପରି ୨୦୧୮ ଡିସେମ୍ବର ସୁଦ୍ଧା ବିଭିନ୍ନ ଯୋଜନାରେ ବିଧାୟକଙ୍କ ନିଜ ପଞ୍ଚାୟତ କୁଲତାଯୋରକୁ ପ୍ରାୟ ୧.୪୦ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର କରାଇଥିବା ବେଳେ ଯୋଗୀନ୍ଦ୍ରପୁର ପଞ୍ଚାୟତକୁ କିଛି ହେଲେ ଦିଆଯାଇ ନ ଥିଲା । ଏ ସମ୍ପର୍କରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣାଙ୍କୁ ପଚରାଯିବାରୁ ସେ କହିଲେ, ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନ ମଣ୍ଡଳୀର ଅପହଞ୍ଚ ଅଞ୍ଚଳକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । କୌଣସି ଅଞ୍ଚଳକୁ ଅନୁଦାନ ପ୍ରଦାନରେ ପାତର ଅନ୍ତର କରାଯାଇନାହିଁ । ଆଗାମୀ ଦିନରେ ବାକି ରହିଯାଇଥିବା ଅଞ୍ଚଳର ବିକାଶ ପାଇଁ ଦୃଷ୍ଟି ଦିଆଯିବ ବୋଲି ବିଧାୟକ କହିଥିଲେ ।

# ମତଦାନ ପାଇଁ ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ସରକାରୀ ଅଧିକାରୀ ।

**ବୌଦ୍ଧ,୧୬।୨(ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ କାଉଣ୍ଟଡାଉନ ଆରମ୍ଭ ହୋଇ ସାରିଥିବାବେଳେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ପାଇଁ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଜୋରସୋରରେ ଚାଲିଛି । ଭୋଟିଂ ମେଶିନଗୁଡ଼ିକୁ ବୁଥସ୍ତରରେ ପ୍ରଦର୍ଶିତ କରାଯିବାବେଳେ ଏବେ ନିର୍ବାଚନ ପରିଚାଳନା ପାଇଁ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି । ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲା ଓ ନିର୍ବାଚନ ମଣ୍ଡଳୀସ୍ତରୀୟ ଅଧିକାରୀମାନଙ୍କୁ ମତଦାନ କାର୍ଯ୍ୟକ୍ରମ ପରିଚାଳନା ନେଇ ତାଲିମ ପ୍ରଦାନ କରାଯାଇଛି । ଏହି ଅଧିକାରୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକସ୍ତରରେ ପୁଲିଂ ପାର୍ଟି ଓ ଅନ୍ୟ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିବେ । ଚଳିତମାସ ୧୭ ଓ ୨୪ ତାରିଖ ଦୁଇଦିନ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଅଭିଯାନ ରଖାଯାଇଛି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ବୁଥସ୍ତରୀୟ ଅଧିକାରୀମାନେ ଏହି ଦିନ ନିଶ୍ଚିତ ଭାବେ ଉପସ୍ଥିତ ରହିବେ । ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ଅନ୍ୟ କର୍ମଚାରୀମାନେ ଘର ଘର ବୁଲି ଭୋଟର ତାଲିକା ଯାଞ୍ଚ କରିବେ । ଜିଲାରେ ଯେପରି ଜଣେ ହେଲେ ଯୋଗ୍ୟ ଭୋଟର ତାଲିକାରୁ ବାଦ ନ ପଡିବେ ସେଥିପ୍ରତି ଏହି ଅଭିଯାନ ସମୟରେ ଗୁରୁତ୍ୱ ପ୍ରଦାନ କରାଯିବ । ଏହାବ୍ୟତୀତ ଦିବ୍ୟାଙ୍ଗ ଭୋଟରମାନଙ୍କୁ ଚିହ୍ନଟ କରି ମତଦାନ କେନ୍ଦ୍ରରେ ସେ କିପରି ସୁବିଧାରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯିବ । ଯଦି ଭୋଟର ଲିଷ୍ଟ ଓ ବୁଥ ସମ୍ପର୍କିତ କୌଣସି ସୂଚନା ଆବଶ୍ୟକ ତେବେ ଜିଲା ନିର୍ବାଚନ କାର୍ଯ୍ୟାଳୟରେ ଖୋଲାଯାଇଥିବା ନିଶୁଳ୍କ ଟେଲିଫୋନ ନମ୍ବର ୦୬୮୪୧୧୯୫୦ ରେ ଯୋଗାଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୧୮ରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ

**ବରଗଡ଼ ଅଫିସ୍,୧୬।୨**

ଜମ୍ମୁ କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାର ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଜିଲା ବଣିକ ସଂଘ ପକ୍ଷରୁ ସୋମବାର ବରଗଡ଼ର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ଡାକରା ଦିଆଯାଇଛି । ଉକ୍ତ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ । ଏହି ବନ୍ଦରେ କେବଳ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ସାମିଲ ହେବେ ବୋଲି ବରଗଡ଼ ଜିଲା ବଣିକ ସଂଘର ସମ୍ପାଦକ ପ୍ରଦୀପ ଦେବତା ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

## ବରଗଡ଼ରେ ଆକସ୍ମିକ ବର୍ଷା

**ବରଗଡ଼ ଅଫିସ୍,୧୬।୨**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ରାତ୍ରି ଏବଂ ଶନିବାର ତୁହାକୁ ତୁହା ବର୍ଷା ହୋଇଥିଲା । ବର୍ଷା ଯୋଗୁ ଜୀବନ ଯାତ୍ରା ବ୍ୟାହତ ହୋଇ ପଡ଼ିଥିଲା । ଦୋକାନ ବଜାର ବ୍ୟବସାୟରେ ମଧ୍ୟ ମାନ୍ଦା ଦେଖାଦେଇଥିଲା । ତେବେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଇଥିଲା । ଶୀତ କମି ଆସିଥିବାବେଳେ ଶୁକ୍ରବାର ରାତ୍ରିରୁ ହୋଇଥିବା ବର୍ଷା ଯୋଗୁ ପୁଣି ସାମାନ୍ୟ ଶୀତ ବଢ଼ିଛି । ଅନ୍ୟପଟେ ମେଘୁଆ ପାଗ ଜାରି ରହିଥିବାରୁ ପୁଣି ବର୍ଷା ସମ୍ଭାବନା ରହିଛି ।

# ୩୦ ମହିଳାଙ୍କୁ ମିଳିଲା ଉଜ୍ଜ୍ୱଳା ଗ୍ୟାସ୍



ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

**ଭେଡ଼େନ,୧୬।୨(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଅର୍ଜୁଣ୍ଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିକ୍ଷିତ ଛତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି ମୁଖ୍ୟଅତିଥି, ଦିବ୍ୟାବତୀ ବଗର୍ତ୍ତୀ, ବୃହସ୍ପତି ଧରେଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଜ୍ଜ୍ୱଳା ଯୋଜନା ଉପରେ ଆଲୋକପାତ କରିଥିଲେ । ଗୋବିନ୍ଦ ଭୋଇ ମହିଳାଙ୍କୁ ରନ୍ଧନ ଗ୍ୟାସ୍‌ର ବ୍ୟବହାର ଓ ସୁରକ୍ଷା ଉପରେ ତାଲିମ ଦେଇଥିଲେ । ଏହି ଅବସରରେ ୩୦ଜଣ ଆବେଦନକାରୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରାଯାଇଥିଲା । ପୁରନ୍ଦର ବାଗ, ପ୍ରମୋଦ ଧରେଇ ସହଯୋଗ କରିଥିଲେ । ମାନସୀ ଧରେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନକଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ

**ବୌଦ୍ଧ,୧୬।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ସ୍ଥିତ ଜନକଲ୍ୟାଣ ପରିଷଦ ପକ୍ଷରୁ ସ୍ଥାନୀୟ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପରିଷଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଦୁଇ ଦିନିଆ ବିଦ୍ୟାଳୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଏବଂ ଶହୀଦ ଯବାନ ମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରିଷଦର ଉପସଭାପତି ଚିତ୍ରସେନ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳ ଲୋଚନ ସାହୁ ସମ୍ମାନିତ ବକ୍ତା, ସରପଞ୍ଚ ଶୁଶୀଲ କୁମାର ପ୍ରଧାନ,



ବାର୍ଷିକ ଉତ୍ସବରେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି ।

ସମିତିସଭ୍ୟା କମଳିନୀ ବଘାର, ଶିକ୍ଷକ ପୁରନ୍ଦର ରଣା, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣକାନ୍ତି ସାହୁ, ନାଟ୍ୟକାର ଅବଧୂତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ଉପଦେଷ୍ଟା ପ୍ରଦୀପ କୁମାର ସାହୁ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ଛତରଙ୍ଗ ପଞ୍ଚାୟତର ୧୧ଟି ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ ନିରଞ୍ଜନ ସାହୁ, ଜୟନ୍ତ କୁମାର ଭୋକ୍ତା, ଜିତେନ୍ଦ୍ର ଦେହୁରୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ପରିଷଦ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ପ୍ରସାଦ ଦେହୁରୀ, ମୁକୁନ୍ଦ ପଧାନ, ଫକୀର ଚରଣ ରାଉତ ଓ ଧନେଶ୍ୱର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ରବିନ୍ଦ୍ର କୁମାର ସାହୁ, ଶତ୍ରୁଘ୍ନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁରଥ ଦେହୁରୀ, କୁଶ ନାଏକ, ରବିନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଫୁଟବଲ: ଫାଇନାଲରେ ବୌଦ୍ଧ

**ବୌଦ୍ଧ,୧୬।୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ବଢିଗାଁଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଗୋଳ ଆଠମଲିକ ଓ ବୌଦ୍ଧ ମଧ୍ୟରେ ଶନିବାର ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଦଳ ଟାଇବ୍ରେକର ଜରିଆରେ ଆଠମଲିକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଯଜ୍ଞ କର୍ମୀ ମୁଖ୍ୟଅତିଥି, ପବିତ୍ର ପ୍ରଧାନ ଓ ସୁରେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରେଫରୀ ଶେଷଦେବ ବେହେରା, ପ୍ରବୀଣ ବେହେରା, ସୋରେନ ବେହେରା ଖେଳ ପରିଚାଳନା କରିଥିଲେ । ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳ ବଲାଙ୍ଗୀର ଓ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହେବ ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ସର୍ବଭାରତୀୟ ଫୁଟବଲ ଫାଇନାଲରେ ମହିନ୍ଦ୍ରା

**ଟିଟିଲାଗଡ, ୧୬।୨(ଡି.ଏନ.ଏ)-** ବଲାଙ୍ଗୀର ଜିଲା ଖୋଲାନ ମିନିଷ୍ଟାଡିୟମରେ ଚାଲିଥିବା ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଦଳ ୨-୦ରେ କୋଲକତାକୁ ହରାଇ ଫାଇନାଲରେ ପହଞ୍ଚିଛି । ରବିବାର ବିହାର ବକ୍ସର ସହିତ ଫାଇନାଲ ଅନୁଷ୍ଠିତ ହେବ। ଶନିବାର ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀବତ୍ସ ବେହେରା ଖେଳ ପରିଚାଳନା କରିଥିବା ବେଳେ ଆଶୀର୍ବାଦ ସା ଓ ଆଶିଷ ସା ଏବଂ ଚତୁର୍ଥ ରେଫରୀ ଭାବେ ଅଶ୍ୱିନୀ ଭୁକ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

### ଶିବରାତ୍ରି ମେଳା କମିଟି ଗଠିତ

**ଲୋଇସିଂହା,୧୬।୨(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଯୋଗେଶ୍ୱର ଧାମ ପ୍ରସିଦ୍ଧ ଶିବରାତ୍ରି ମେଳାର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠିତ ହୋଇଛି। ସଭାପତି ଭାବେ ଦୁଷ୍ମନ୍ତ ପଧାନ, ସମ୍ପାଦକ ମହେଶ ତ୍ରିପାଠୀ, ସନକ ପଧାନ କୋଷାଧ୍ୟକ୍ଷ, ଶ୍ରୀକାନ୍ତ ତ୍ରିପାଠୀ ଉପସଭାପତି, ସହସମ୍ପାଦକ, ବୀରବଲ ପଧାନ ଓ ସରୋଜ ପଧାନ ମନୋନୀତ ହୋଇଛନ୍ତି। ପ୍ରତ୍ୟୁଷ ପଧାନ, ସୁଧି କରନ, ବ୍ୟାସଦେବ ପଧାନଙ୍କୁ ସଭ୍ୟଭାବେ ମନୋନୀତ କରାଯାଇଛି। ଏହି ଅବସରରେ ନାମଯଜ୍ଞ କମିଟି, ମନ୍ଦିର ଉନ୍ନୟନ କମିଟି ଗଠିତ ହୋଇଛି । ୨୬ ଫେବୃୟାରୀରେ କଳସ ଶୋଭାଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ । ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ସ୍ଥିର ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ମଦ ଜବତ, ଜଣେ ଗିରଫ

**କଣ୍ଟାବାଞ୍ଜି, ୧୬।୨ (ଡି.ଏନ.ଏ.)-** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଅବକାରୀ ସ୍କ୍ୱାଡ ପାଟ୍ରୋଲିଂ କରୁଥିବା ବେଳେ ମଲ୍ଲିକପଡାସ୍ଥିତ ସ୍କୁଲ ନିକଟରେ ଡୁମେରପଡା ଗ୍ରାମର ଚନ୍ଦ୍ର ଶେଖର ମଲ୍ଲିକଙ୍କଠାରୁ ୧୫ଲିଟର ଦେଶି ମଦ ଜବତ କରିଛି। ଅଭିଯୁକ୍ତଙ୍କ ନାଁରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଅବକାରୀ ଓଆଇସି ମିସ ସତିକା ବେଶନ, ଏଏସଆଇ ଅଲେଖ ପୁଟେଲଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା ।

ସଇଁତଲା ଷ୍ଟେଶନରେ ଇଣ୍ଟରସିଟି ଏକ୍ସପ୍ରେସ ରହଣି ଦାବି

# ଷ୍ଟେଶନମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ

**ସଇଁତଲା, ୧୬।୨ (ଡି.ଏନ.ଏ.)**



ଦାବିପତ୍ର ପ୍ରଦାନ ସମୟରେ ସଇଁତଲା ବିକାଶ ପରିଷଦର ସଦସ୍ୟମାନେ।

ବଲାଙ୍ଗୀର ଜିଲା ମୁରିବାହାଲରେ ପୁରୀ-ଦୁର୍ଗ ଇଣ୍ଟରସିଟି ଓ ବଡ଼ମାଳରେ ଇସ୍ପାତ ଟ୍ରେନ ରହଣି ନେଇ ରେଳ ବିଭାଗ ତରଫରୁ ଘୋଷଣା କରାଯାଇଥିଲା । ଏହାକୁ ନେଇ ମୁରିବାହାଲ ଓ ବଡ଼ମାଳ ଅଞ୍ଚଳରେ ଖୁସୀର ଲହରି ଖେଳିଯାଇଥିଲା । ତେବେ ସଇଁତଲା ଷ୍ଟେଶନରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରହଣି ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ତାହା ପୂରଣ ହୋଇନାହିଁ। ସଇଁତଲା ବିକାଶ ପରିଷଦ ଏ ନେଇ ସ୍ୱର ଉତ୍ତୋଳନ କରିଛି । ଶନିବାର ବିକାଶ ପରିଷଦର ବହୁ ସଦସ୍ୟ ସଇଁତଲା ଷ୍ଟେଶନକୁ ଯାଇ ଷ୍ଟେଶନମାଷ୍ଟରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଆସନ୍ତା ୨୫ତାରିଖ ସୁଦ୍ଧା ପୁରୀ-ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ ସଇଁତଲାରେ ରହଣି କରିବାକୁ ଉଲ୍ଲେଖ କରାଯାଇଛି। ଜିଏମ, ଭୁବନେଶ୍ୱର ଓ ଡିଆରଏମ ସମ୍ବଲପୁରଙ୍କ ଉଦ୍ଦେଶ୍ୟରେ ଷ୍ଟେଶନମାଷ୍ଟର ଜ୍ୟୋତି ରଞ୍ଜନ ନାୟକଙ୍କୁ ପ୍ରଦତ୍ତ ଦାବିପତ୍ରରେ ଧାର୍ଯ୍ୟ ଦିବସ ସୁଦ୍ଧା ଦାବି ପୂରଣ ନ ହେଲେ ୨୬ତାରିଖ ସଇଁତଲା ବନ୍ଦ ସହ ରେଳରୋକୋ କରାଯିବାକୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ସଇଁତଲା ବିକାଶ ପରିଷଦ ସଦସ୍ୟ ସୁବୋଧ ମିଶ୍ର କହିଛନ୍ତି ଯେ, ଇସ୍ପାତ, ତପସ୍ୱିନୀ ଓ ସମଲେଶ୍ୱରୀ ଭଳି ଟ୍ରେନଗୁଡ଼ିକ ସଇଁତଲାରେ ଭଲ ବ୍ୟବସାୟ କରୁଥିବାବେଳେ ଇଣ୍ଟରସିଟି ଏକ୍ସପ୍ରେସକୁ କାହିଁକି ଏଠାରେ ରହଣି ପାଇଁ ଦିଆ ନ ଯିବା ପରିତାପର ବିଷୟ। ଏ ନେଇ ବାରମ୍ବାର ବଲାଙ୍ଗୀର ଏମ୍‌ପିଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ମାଟ୍ରିକ ପରୀକ୍ଷା ପରିଚାଳନା ବୈଠକ

# ୧୫୯ପରୀକ୍ଷା କେନ୍ଦ୍ରରେ ୨୪ହଜାର ୬୧୨ ପରୀକ୍ଷାର୍ଥୀ

**ବଲାଙ୍ଗୀର ଅଫିସ, ୧୬।୨**

ଚଳିତ ମାସ ୨୨ତାରିଖଠାରୁ ରାଜ୍ୟରେ ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାର ସୁପରିଚାଳନା ନିମନ୍ତେ ଶୁକ୍ରବାର ଜିଲା ଶିକ୍ଷା ବିଭାଗ ଓ ପ୍ରଶାସନ ପକ୍ଷରୁ ଚୂଡାନ୍ତ ପ୍ରସ୍ତୁତି ଓ ପରିଚାଳନା ବୈଠକ ବସିଥିଲା । ସ୍ଥାନୀୟ ଜିଲା ଶିକ୍ଷା କାର୍ଯ୍ୟାଳୟ ପରିସରରେ ଥିବା କନଫରେନ୍ସ ହଲରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ଅଧ୍ୟକ୍ଷତାରେ ପରୀକ୍ଷା କେନ୍ଦ୍ର ପରିଚାଳକମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପଧାନ ଯୋଗଦେଇ ଜିଲାରେ ମାଟ୍ରିକ ପରୀକ୍ଷାକୁ ସୂଚାରୁ ରୂପେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। କପି ରୋକିବା ପାଇଁ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗର ମିଳିତ ସହଯୋଗରେ ତ୍ରିସ୍ତରୀୟ ସ୍କ୍ୱାଡ ଗଠନ କରାଯାଇଥିବା ସୂଚନା ଦିଆଯାଇଥିଲା। ପରୀକ୍ଷା ସୁପରିଚାଳନାରେ ସମସ୍ତ ଶିକ୍ଷକ ଓ ପ୍ରଧାନଶିକ୍ଷକ ସହଯୋଗ କରିବାକୁ ସଭାରେ ଆଲୋଚନା ହୋଇଥିଲା । ଯେଉଁ ବିଦ୍ୟାଳୟରେ କପିକୁ ପ୍ରାଧାନ୍ୟ ଦିଆଯିବ ସେ ବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ଦାୟୀ ରହିବେ ବୋଲି ବୈଠକରେ ସମସ୍ତଙ୍କୁ ଚେତାଇ ଦିଆଯାଇଥିଲା । ଚଳିତବର୍ଷ ବଲାଙ୍ଗୀର ଜିଲାରେ ୧୫୯ଟି ପରୀକ୍ଷା କେନ୍ଦ୍ରରେ ୨୩୧୮୬ରେଗୁଲାର ଓ ୮୩୨ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଏପରି ସର୍ବମୋଟ ୨୪ହଜାର ୧୮ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ । ମଧ୍ୟମା ସଂସ୍କୃତ ପରୀକ୍ଷା ୩ଟି କେନ୍ଦ୍ରରେ ୧୨୧ ଜଣ ପରୀକ୍ଷା ଦେବେ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମର ୩ଟି ପରୀକ୍ଷା କେନ୍ଦ୍ରରେ ୪୩୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଛି ।

ସ୍ୱତନ୍ତ୍ର କୋସଲ ରାଜ୍ୟ ଦାବି

# ୧୮ରେ ରାଜ୍ୟପାଳଙ୍କୁ ଭେଟିବ କୋସଲ ରାଜ୍ୟ ସମନ୍ୱୟ ସମିତି

**ବଲାଙ୍ଗୀର ଅଫିସ, ୧୬।୨**

କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ଆସନ୍ତା ଫେବୃୟାରୀ ୧୮ତାରିଖ ଭୁବନେଶ୍ୱରଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରି ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ ନେଇ ଏକ ସ୍ମାରକପତ୍ର ଦିଆଯିବା କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦେବାକୁ ଥିବା ସ୍ମାରକପତ୍ରକୁ ରାଜ୍ୟପାଳଙ୍କ ଜରିଆରେ ପଠାଯିବାକୁ ସ୍ଥିର କରାଯାଇଛି। ପୂର୍ବରୁ ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିରେ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବାକୁ ନିର୍ଦ୍ଧାରିତ କରାଯାଇ ଏ ସମ୍ପର୍କରେ ରାଜ୍ୟପାଳଙ୍କୁ ସୂଚନା ଦିଆଯାଇଥିଲା । ତେବେ ରାଜ୍ୟପାଳ କୋସଲ ରାଜ୍ୟ ସମନ୍ୱୟ ସମିତିର ଏକ ପ୍ରତିନିଧି ମଣ୍ଡଳୀଙ୍କୁ ଆଲୋଚନା ପାଇଁ ଆମନ୍ତ୍ରଣ କରିବାରୁ ଆଗାମୀ ୧୮ତାରିଖରେ ଏକ ୧୧ଜଣିଆ କେନ୍ଦ୍ରୀୟ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ସାକ୍ଷାତ ଆଲୋଚନା କରି ଦାବିପତ୍ର ଦେବେ ବୋଲି କୋଶଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ପ୍ରେସ୍‌ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ରାଜ୍ୟପାଳଙ୍କୁ ସାକ୍ଷାତ ପରେ ସମନ୍ୱୟ ସମିତି ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀ ଯାଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବେ ବୋଲି ସୂଚନା ଦେଇଛନ୍ତି । ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିନେଇ ଗତ ୨୧ବର୍ଷ ଧରି ଚାଲିଥିବା ଧାରାବାହିକ ଆନ୍ଦୋଳନକୁ ନିର୍ଣ୍ଣାୟକ ରୂପ ଦେବା ପାଇଁ ସମନ୍ୱୟ ସମିତି ତରଫରୁ ନିରନ୍ତର ପ୍ରୟାସ ଜାରି ରହିଛି । ଆଗାମୀ ସାଧାରଣ ନିର୍ବାଚନ ପରେ ଏହି ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇଁ ସମନ୍ୱୟ ସମିତି ନିଷ୍ପତ୍ତି ନେଇଛି । ଆଗାମୀ ନିର୍ବାଚନରେ ଯେଉଁ ଦଳ ଓ ପ୍ରାର୍ଥୀ କୋସଲ ରାଜ୍ୟ ଦାବିକୁ ସେମାନଙ୍କ ନିର୍ବାଚନୀ ଏଜେଣ୍ଡାରେ ସ୍ଥାନିତ କରିବେ ସେମାନଙ୍କୁ ସମର୍ଥନ କରାଯିବ ଓ ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କୁ ସମନ୍ୱୟ ସମିତି ତରଫରୁ ତୀବ୍ର ବିରୋଧ କରାଯିବାକୁ ସ୍ଥିର ହୋଇଛି । ଏଥିପାଇଁ ନୋ କୋସଲ ନୋ ଭୋଟ୍ ଡାକରା ଦିଆଯାଇଛି ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଲୋଇସିଂହା,୧୬।୨ (ଡି.ଏନ.ଏ.)**




ବ୍ଲକସ୍ତରୀୟ କୃଷି ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ପଞ୍ଚାୟତ ଅନ୍ତର୍ଗତ ପିପିଲି ଗ୍ରାମରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କୃଷକମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ଓଡିଶାର ସବୁବର୍ଗର ଚାଷୀ ସୁବିଧା ପାଇ ପାରିବେ ବୋଲି ସେ କହିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କୁଶଙ୍ଗ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀ ସଂଯୋଜନା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷି ଅଧିକାର ହିମାଂଶୁ ଶେଖର ପାଢୀ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସରପଞ୍ଚ ଯଦୁମଣୀ ସାହୁ, ସମିତି ସଭ୍ୟ ନରେନ୍ଦ୍ର କୁମାର ହାତୀ, ଜିଲା ସହକାରୀ କୃଷି ଅଧିକାରୀ ସ୍ୱସ୍ତିକ ପଣ୍ଡା, ସୁରେନ୍ଦ୍ର ନେଗୀ, ବିଡିଓ କମଳଲୋଚନ ଦାସ, ସହକାରୀ ମତ୍ସ ଅଧିକାରୀ ଦୟାନିଧି ନାଏକ,ଏଆରସିଏସ ଲଳିତମୋହନ ମାଝି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃଷି, ପ୍ରାଣୀ, ମତ୍ସ୍ୟ, ଉଦ୍ୟାନ ବିଭାଗୀୟ ଅଧିକାରୀମାନେ ଚାଷ ଓ ଚାଷୀଙ୍କ ପାଇଁ ରହିଥିବା ସରକାରୀ ଯୋଜନା ଓ ପରିଚାଳନା ସମ୍ପର୍କରେ ଚାଷୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ । କୃଷିରେ ପିପଲି ଗ୍ରାମର ବାବୁଲାଲ ପଧାନ, କନ୍ଦାଜୁରୀ ଗ୍ରାମର ମକୁନ୍ଦ ସିଂଦେଓ, ମତ୍ସଚାଷରେ ବଂଜାରୀ ଗ୍ରାମର ସତ୍ୟ ପ୍ରକାଶ ପଟେଲ, ଉଦ୍ୟାନ ବିଭାଗ ପକ୍ଷରୁ ମାଗୁରବେଡା ଗ୍ରାମର ପ୍ରଦ୍ୟୁମ୍ନ ତେଜୀ, ଚାଷୀ ଅନୀଲ ସାହୁଙ୍କ ସମେତ ଭିଏଡବ୍ଲୁ ପିଙ୍କୁରଞ୍ଜନ ସାହୁ, ଏଓ ଯବଦୁ ବାଗଙ୍କୁ ସମ୍ମାନୀତ କରାଯାଇଥିଲା ।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ବଲାଙ୍ଗୀର ଅଫିସ, ୧୬।୨**

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲିଠାରେ ଉଜ୍ୱାଲା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥିଭାବେ ପୂର୍ବତନ ଏମପି ସଙ୍ଗୀତା ସିଂଦେଓ ଯୋଗଦେଇ ହିତାଧିକାରୀଙ୍କୁ ଏହି ଯୋଜନା ବିଷୟରେ ଅବଗତ କରାଇଥିଲେ । ସମ୍ମାନୀତ ଅତିଥି ଚୁଡାପାଲି ସରପଞ୍ଚ ଘାସିରାମ ବେହେରା, ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ପୂର୍ବତନ ପୁଇଁତଲା ବ୍ଲକ ଅଧ୍ୟକ୍ଷା ପଙ୍କଜିନି ପଣ୍ଡା, ଭାଜପା ନେତ୍ରୀ ସାଗରିକା ଯୁଏଡ, ଜିଲା ନୋଡାଲ ଅଫିସର ଗିରୀଶ କୁମାର, ଅତିରିକ୍ତ ନୋଡାଲ ଅଫିସର ସପନ କୁମାର ସାହୁ, ସାମାଜିକ ବିକାଶ ସଦସ୍ୟ ସୌଦାମିନୀ ସାହ ଯୋଗଦେଇଥିଲେ। ସୁରକ୍ଷିତ ଏଲପିଜି ବ୍ୟବହାର ସମ୍ବନ୍ଧୀୟ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଚନ୍ଦ୍ରଧ୍ୱଜ ସିଂଭୋଇ ଧନ୍ୟବାଦ ଦେଇଥିଲେ ।

## ଏକ୍ସପ୍ରେସ ଟ୍ରେନ ରହଣି ଦାବି, ରିଲେ ଧାରଣା ପାଇଁ ପ୍ରସ୍ତୁତି ଚୂଡାନ୍ତ

**ଦେଓଗାଁ, ୧୬।୨(ଡି.ଏନ.ଏ.)**

ଦେଓଗାଁ ରୋଡ ରେଳ ଷ୍ଟେଶନରେ ଇସ୍ପାତ ଏକ୍ସପ୍ରେସ ଟ୍ରେନ ରହଣି ଦାବିକୁ ବିଭାଗ କର୍ଣ୍ଣପାତ କରୁନାହିଁ। ଅଞ୍ଚଳବାସୀଙ୍କ ନିଷ୍ପତ୍ତିକ୍ରମେ ତିନିଦିନ ଧରି ରିଲେ ଧାରଣା ଓ ମହାରେଳରୋକୋ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଶନିବାର ଦେଓଗାଁରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମକୁ ବାତିଲ କରି ଆନ୍ଦୋଳନ ପରେ କରିବା ପାଇଁ ବିଡିଓ ବେର୍ଣ୍ଣାଡେଥ ଲାକ୍ରାଙ୍କୁ ଗ୍ରାମ୍ୟ କମିଟି ସଦସ୍ୟମାନେ ଅନୁରୋଧ କରିଥିଲେ । ଚଳିତମାସ ୧୭,୧୮ ଓ ୧୯ ତାରିଖ ତିନିଦିନ ଧରି ରେଳଷ୍ଟେଶନ ନିକଟରେ ଦଳମତ ନିର୍ବିଶେଷରେ ରିଲେ ଧାରଣା ଅନୁଷ୍ଠିତ ହେବ। ଏହି ତିନିଦିନ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ନିର୍ଭର ଲିଖିତ ପ୍ରତିଶ୍ରୁତି ପ୍ରଦାନ ନକଲେ ୨୦ ତାରିଖ ମହାରେଳରୋକୋ ଆନ୍ଦୋଳନ କରାଯିବ। ଏଥିରେ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତବାସୀ ତଥା ଗୁଡଭେଲା ଓ ସଦର ବ୍ଲକର କେତେକ ଗାଁର ଜନସାଧାରଣ ଯୋଗଦେବେ ବୋଲି ଗ୍ରାମ୍ୟ କମିଟି ଓ ଦେଓଗାଁ ବଣିକ ସଂଘ ତରଫରୁ ସୂଚନା ଦିଆଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଦାବୀ ପୂରଣ ନହେଲେ ଦେଓଗାଁବାସୀ ଭୋଟବର୍ଜନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଫଟୋରେ ଖବର




କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ସହକାରୀ ବସଷ୍ଟାଣ୍ଡ କୁଲି ଓ ରିକ୍ସାଚାଳକ ସଂଘ ପକ୍ଷରୁ କ୍ୟାଣ୍ଡେଲ ରାଲି କରାଯାଉଛି ।

ରିନ୍‌ବଚନ ପ୍ରାଥମିକ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ

# ଗୁଣାତ୍ମକ ଶିକ୍ଷାର ଉନ୍ନତି ହେଲେ ବିକାଶ ସମ୍ଭବ

**ବଲାଙ୍ଗୀର ଅଫିସ, ୧୬।୨**




ରିନ୍‌ବଚନ ସ୍କୁଲର ରଜତ ଜୟନ୍ତୀରେ ମୁଖ୍ୟଅତିଥି ନରସିଂହ ମିଶ୍ର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ।

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ରିନ୍‌ବଚନସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଶନିବାର ଅନୁଷ୍ଠିତ ହୋଇଥିଲା । ହେମନ୍ତ କୁମାର ପଧାନଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥିଭାବେ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ସମ୍ମାନିତ ଅତିଥିଭାବେ ସରପଞ୍ଚ ଦିଲିପ ବିଶ୍ୱାଲ, ବ୍ଲକ୍ ଶିକ୍ଷା ଅଧିକାରୀ ଗିଚପାଲ ସାଗର, ବିଜ୍ଞାନ ଶିକ୍ଷା ନିରୀକ୍ଷକ ନୀଳମଣି ପଟେଲ, ଯୁବନେତା ଅଜୟ ବାଲି, ପୂର୍ବତନ ପରିଚାଳନା କମିଟି ସଭାପତି ଭୀମସେନ ପ୍ରଧାନ, ରଞ୍ଜିତ ସାହୁ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ବିଧାୟକ ମିଶ୍ର ସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ସ୍କୁଲ ପ୍ରତିଷ୍ଠାତା, ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଗାଁରେ ଚୈତନ୍ୟ ଯୁବକ ସଂଘର କାର୍ଯ୍ୟକୁ ପ୍ରଶଂସା କରି ଗତ ସାଢ଼େ ୪ବର୍ଷରେ ସେମାନେ ଯାହା ଅନୁରୋଧ କରିଥିଲେ ସବୁ ଯୋଗାଇବା ଦିଗରେ ସେ ଚେଷ୍ଟା କରିଛନ୍ତି ବୋଲି କହିଥିଲେ । ସ୍କୁଲରେ ଶିକ୍ଷକ ନଥିବାରୁ ଶିକ୍ଷାର ମାନହ୍ରାସ ଘଟୁଥିବା ବିଷୟକୁ ନେଇ ଚିନ୍ତା ପ୍ରକଟ କରିଥିଲେ । ଗୁଣାତ୍ମକ ଶିକ୍ଷାର ବିକାଶ ନହେଲେ ଅଞ୍ଚଳ ବିକାଶ ସମ୍ଭବ ହେବନାହିଁ ବୋଲି କହିଥିଲେ। ଏଠାରେ ଏକ ହାଇସ୍କୁଲ ନ ଥିବାରୁ ଉଚ୍ଚଶିକ୍ଷା ବାଧାପ୍ରାପ୍ତ ହେଉଛି କହି ଖୁବ୍‌ଶୀଘ୍ର ହାଇସ୍କୁଲ ପ୍ରତିଷ୍ଠା କରିବା ଦିଗରେ ସେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷା ଅଧିକାରୀ ଲେଙ୍କା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ବଲିଉଡ ଅଭିନେତା ଅମିତାଭ ବଚ୍ଚନଙ୍କ ସଂଘର୍ଷ ଓ ସଫଳତା ସମ୍ପର୍କରେ କହି ତାଙ୍କଠାରୁ ଛାତ୍ରୀଛାତ୍ରମାନେ ପ୍ରେରଣା ନେବା କଥା ବୋଲି କହିଥିଲେ । ଏହି ସ୍କୁଲରେ ବିଧାୟକଙ୍କ ଉଦ୍ୟମକ୍ରମେ ପାଚେରି ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାରୁ ସଂଯୋଜକ ଧନ୍ୟବାଦ ଜଣାଇବା ସହ ସ୍କୁଲରେ ପିଇବା ପାଣି, ଶିକ୍ଷକ ତଥା ଶୌଚାଳୟ ନିର୍ମାଣ ପାଇଁ ଦାବି ରଖିଥିଲେ । ବିଧାୟକ ମିଶ୍ର ଦାବିଗୁଡିକ ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରଜତ ଜୟନ୍ତୀ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ପୁରାତନ ଛାତ୍ର, ବର୍ତ୍ତମାନର ଛାତ୍ରୀଛାତ୍ର, ଚୈତନ୍ୟ ଯୁବକ ସଂଘ ସଭାପତି ରାଧେଶ୍ୟାମ ନାଏକ, ଭରତ ସାହୁ, ଖଗପତି ପଧାନ, ସମସ୍ତ କର୍ମକର୍ତ୍ତା ଏବଂ ସହସ୍ରାଧିକ ଗ୍ରାମବାସୀ ତଥା ଅଭିଭାବକ ଉପସ୍ଥିତ ଥିଲେ ।

# ଘରେ ପଶି ଯୁବକଙ୍କୁ ମାଡ଼, ୨ ଅଟକ

**ବଲାଙ୍ଗୀର ଅଫିସ, ୧୬।୨**



ଆକ୍ରମଣର ଶିକାର ହୋଇଥିବା ବସନ୍ତ ମହାକୁର ।

ବଲାଙ୍ଗୀର ବ୍ରାହ୍ମଣପଡାର ଜଣେ ଯୁବକଙ୍କ ଘରେ ପଶି କିଛି ଅସାମାଜିକ ଯୁବକ ଉତ୍ପାତ କରିଛନ୍ତି । ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ବସନ୍ତ ମହାକୁର (୨୮) ନାମକ ଜଣେ ଯୁବକଙ୍କ ଘରେ ପଶି ୫/୬ ଜଣ ଅସାମାଜିକ ଯୁବକ ନିସ୍ତୁକ ମାଡ ମାରିଥିଲେ। ପରେ ଜୀବନରେ ମାରିଦେବାକୁ ଧମକ ଦେଇଥିବା ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ବସନ୍ତ ଘରେ ଥିବା ବେଳେ ସମ୍ପୃକ୍ତ ଯୁବକମାନେ ଘର ଭିତରକୁ ଧସେଇ ପଶି ତାଙ୍କୁ ବାହାରକୁ ଟାଣି ଆଣିଥିଲେ। ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଭଳି ଘଟଣା ପରେ ବସନ୍ତଙ୍କ ପରିବାର ଲୋକେ ଭୟଭୀତ ହୋଇ ସୁରକ୍ଷା ପାଇଁ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ପୋଲିସ ଆକ୍ରମଣର ଶିକାର ବସନ୍ତଙ୍କର ଡାକ୍ତରୀ ପରୀକ୍ଷା କରିଛି । ଏହି ଘଟଣାରେ ପୋଲିସ ସହରର ୨ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ବଲାଙ୍ଗୀର ସହରରେ ପ୍ରତିଦିନ ଆପରାଧିକ ଘଟଣା ବୃଦ୍ଧି ପାଉଥିବାରୁ ଏବେ ସବୁ ମହଲରେ ଚିନ୍ତା ପ୍ରକଟ ପାଇଛି ।

ଧରିତ୍ରୀ
DHARITRI



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ
ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ସଦ୍‌ଗୁରୁ ସାଇନାଥ



ସମ୍ବଲପୁର, ରବିବାର, ୧୭ ଫେବୃୟାରୀ, ୨୦୧୯

## ସଂକ୍ଷେପରେ

### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

କର୍ଲାମୁଣ୍ଡା ୧୬।୨(ଡି.ଏନ୍.ଏ.)- ଜମ୍ମୁ-କଶ୍ମୀର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରେ ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବମନ୍ଦିର ଛକରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଶୋଭାଯାତ୍ରାରେ ବାହାରି ରିଞ୍ଜ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରେ ଶତାଧିକ ନାଗରିକଙ୍କ ଉପସ୍ଥିତିରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ପାକିସ୍ତାନର ଏଭଳି ଘୃଣ୍ୟ ଆଚରଣକୁ ନିନ୍ଦା କରିବା ସହ ସୟିଦହାଫିଜ୍‌ଙ୍କ କୁଶପୁତ୍ତଳି ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୟ ସୁନା, କୁଞ୍ଜ ସାହୁ, ରଘୁରାଜ ସାହୁ, ଶେଷଦେବ ସାହୁ, କର୍ଲାମୁଣ୍ଡା ସରପଞ୍ଚ କୃଷ୍ଣଚନ୍ଦ୍ର ବାଗ, ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପ୍ରସନ୍ନ ପ୍ରଧାନ, ଭାଗୀରଥି ଷଡଙ୍ଗୀ, ଜଗଦୀଶ ନାଏକ, ଗୌରକିଶୋର ରଣା, ପ୍ରଦୀପ କୁମାର ସାହୁ, ସଞ୍ଜୀବ ନାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସ୍କୁଲ ଛାତ୍ରୀଙ୍କୁ କାମରେ ନିୟୋଜିତ ଅଭିଯୋଗ

**କୋକସରା,୧୬।୨(ଡି.ଏନ୍.ଏ.)**

କୋକସରା ବ୍ଲକ ଅଧୀନ ଲଡୁଗାଁ ପଞ୍ଚାୟତ ସୁନାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଷଷ୍ଠ ଓ ସପ୍ତମ ଶ୍ରେଣୀର ୫ ଜଣ ଛାତ୍ରୀଙ୍କୁ କାମରେ ନିୟୋଜିତ କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଶୁକ୍ରବାର ସ୍କୁଲ ଛୁଟି ପରେ ପ୍ରଧାନ ଶିକ୍ଷକ ସାହୁ ଷଷ୍ଠ ଓ ସପ୍ତମ ଶ୍ରେଣୀର ୫ ଜଣ ଛାତ୍ରୀଙ୍କୁ ଅଟକାଇ ସ୍କୁଲରେ ଇଲେକ୍ଟ୍ରି କାମ କରୁଥିବା ଯୁବକଙ୍କୁ କାମରେ ସହଯୋଗ କରିବା ପାଇଁ କହି ସ୍କୁଲ ଚାବି ଦେଇ ଘରକୁ ଚାଲିଯାଇଥିଲେ। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶକୁ ମାନି ଛାତ୍ରୀମାନେ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ରହିଥିଲେ। ତେବେ ଛାତ୍ରୀମାନେ ଘରକୁ ନ ଫେରିବାକୁ ଅଭିଭାବକମାନେ ସ୍କୁଲକୁ ଆସି ଦେଖିଲାବେଳକୁ ସ୍କୁଲ ଗେଟ୍ ଆଗପଟୁ ତାଲା ପଡିଥିବା ବେଳେ ସ୍କୁଲ ଭିତରେ ଛାତ୍ରୀମାନେ ଥିବା ଦେଖିବାକୁ ପାଇଥିଲେ। ଏନେଇ ଅଭିଭାବକମହଲରେ ଅସନ୍ତୋଷ ଦେଖାଦେଇଥିଲା। ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କୁ ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ପ୍ରଧାନ ଶିକ୍ଷକ ସାହୁ ବାହାଘର ଥିବା ଯୋଗୁ ଛାତ୍ରୀମାନଙ୍କୁ ଚାବିଦେଇ ଆସିଥିବା ଅଭିଭାବକଙ୍କୁ କହିଥିବା ଜଣାପଡିଛି। ତେବେ ଅଜଣା ଯୁବକମାନଙ୍କ ପାଖରେ କେଉଁ ପରିସ୍ଥିତିରେ ଛାତ୍ରୀମାନଙ୍କୁ ଛାଡ଼ି ପ୍ରଧାନ ଶିକ୍ଷକ ଘରକୁ ଚାଲିଯାଇଥିଲେ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶନିବାର ସକାଳ ସ୍କୁଲ ଥିବାବେଳେ ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ପହଞ୍ଚି ଗେଟରେ ତାଲାପକାଇ ପ୍ରଧାନ ଶିକ୍ଷକଙ୍କ



ଅଭିଭାବକ ଓ ଛାତ୍ରୀଛାତ୍ରମାନେ ସ୍କୁଲ୍ ଗେଟ୍‌ରେ ତାଲା ପକାଇଛନ୍ତି।

**ସ୍କୁଲଗେଟରେ ତାଲା**

ବିରୋଧରେ ଏକ ଅଭିଯୋଗ ପତ୍ର କଳାହାଣ୍ଡି ଜିଲାପାଳ, ଧର୍ମଗଡ଼ ଉପଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଘଟଣାର ତଦନ୍ତ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ତ୍ରିନାଥ ଠାକୁର, ଦୈତାରୀ ଭାଟି, କୁମୁଦ ବଛା, କୌଶିକ ଦୁରିଆ, ୱାର୍ଡ଼ ସଭ୍ୟ ଗୁଣଧର ଶବର, ମଧୁସୂଧନ ଚଣ୍ଡି, ଲିଙ୍ଗରାଜ ଧଙ୍ଗଡ଼ାମାଝି, ମଲୟ ଶବର, ହେମନ୍ତ ଧଙ୍ଗଡ଼ାମାଝି, ଦେବିସିଂ ଧଙ୍ଗଡ଼ାମାଝି, ଦୁଆନ ଭାଟି ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ କୋକସରା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ନାମରେ ଏକ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଯଦି ଘଟଣାରେ ସତ୍ୟତା ଥାଏ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏନେଇ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କ ପ୍ରତିକ୍ରିୟା ମିଳିପାରି ନ ଥିଲା।

### ଜୁନାଗଡ଼ରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ମହମବତୀତି ଶୋଭାଯାତ୍ରା

**ଜୁନାଗଡ,୧୬।୨(ଡି.ଏନ୍.ଏ.)**

ଜମ୍ମୁ-କଶ୍ମୀର ପୁଲୱାମା ଜିଲାରେ ଜୈଶ ଇ ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନ ପକ୍ଷରୁ ଗୁରୁବାର ସୁରକ୍ଷା ବଳ ଉପରେ ବଡଧରଣର ବିସ୍ଫୋରଣ କରିଥିଲା। ଏଥିରେ ୪୦ ଯବାନ ଶହୀଦ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ପିଆଇ କଲେଜରୁ ନୂଆବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ମହମବତି(କ୍ୟାଣ୍ଡେଲ) ଶୋଭାଯାତ୍ରା ହୋଇଥିଲା। ଏଥିରେ ଜୁନାଗଡ ସହରର ବିଭିନ୍ନ ବର୍ଗର ଲୋକ ଯୋଗଦେଇ ଶୋକ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ପୂର୍ବତନ ବ୍ଲକ ଅଧକ୍ଷ ମନୋଜ କୁମାର ମେହେର, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ପୂର୍ବତନ ଏନ୍‌ଏସି ଅଧକ୍ଷ ସୁଧାଂଶୁ ଶେଖର ବରାଡ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ଅର୍ଜୁନ ଚନ୍ଦ୍ର ଦାଶ, କାଳିନ୍ଦ୍ରୀ ପାଣିଗ୍ରାହୀ, ସାନ ଖମାରୀ, ଦିଲୀପ ରାଉତ, ପୀତାମ୍ବର ରଣା, ଲଳିତ ଶର୍ମା, ସତ୍ୟନାରାୟଣ ପଣ୍ଡା, କୁବଲେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଉଦେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଭବାନୀପାଟଣା,୧୬।୨(ଡି.ଏନ୍.ଏ.)**

ଭବାନୀପାଟଣା ବ୍ଲକ ଅଧୀନ ଉଦେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଜିଲାଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉମାଶଙ୍କର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ ପଧାନ, ସରପଞ୍ଚ ଜ୍ୟୋସ୍ନାରାଣୀ ଶବର, ଜିଲା ସିଟି ଶିକ୍ଷକ ସଂଘ ସଭାପତି ଗୌରହରି ନାଏକ, ସାଧନ ସମ୍ପାଦକ ଶୁଶୀଲ କୁମାର ପଧାନ, ଇଚ୍ଛାପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାନ୍ତି, ସିଆର୍‌ସିସି ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ସୌଦାମିନୀ ମିଶ୍ର, ପଦ୍ମାଳୟା ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ପୁରସ୍କାର ବିତରଣୀ କାର୍ଯ୍ୟକୁ ଶିକ୍ଷୟିତ୍ରୀ ଶାଶ୍ୱତୀ ମହାପାତ୍ର, ପ୍ରତିମୟୀ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ଆଚାର୍ଯ୍ୟ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। ଶେଷରେ ସୁଶ୍ରୀ ଇଶା ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରୋହିତ ମାଝି, ନିରୋଦ ମାଝି, ଚନ୍ଦ୍ରମଣି ମହାନନ୍ଦ, ଶିକ୍ଷୟିତ୍ରୀ ରେଣୁବାଳା ମହାନ୍ତି, ମନୋରମା ଦାସ, ସିକ୍ତା ପଟ୍ଟନାୟକ, ଶୋଭାଗିନୀ ଦେବୀ, ସଙ୍ଗୀତା ନାଗ, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୪୦୭ ଭ୍ୟାନ ଓଲଟି ୭ ଗୁରୁତର

**ଧର୍ମଗଡ,୧୬।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କିର୍କାକାନିଠାରେ ଶନିବାର ଟେଣ୍ଟ ସାମଗ୍ରୀ ଧରି ଯାଉଥିବା ଏକ ୪୦୭ ଭ୍ୟାନ ଓଲଟି ପଡିଥିଲା। ଫଳରେ ଭ୍ୟାନରେ ଥିବା ୭ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମଧୁରାମ ନାଏକ, ରୋହି ମାଝି, ପ୍ରଦୀପ୍ତ ମାଝି, ଟିଣ୍ଟୁ ମାଝି, ଅମିତ ମାଝି, ଅରୁଣ ମାଝି, ବଶ୍ୱନାଥ ମାଝି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଧର୍ମଗଡ଼ ଡାକ୍ତଖାନାରେ ଭର୍ତ୍ତି କରିଥିଲେ। ସେଠାରେ ରୋହିତ ଏବଂ ବିଶ୍ୱନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭବାନୀପାଟଣା ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଖବର ପାଇ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭ୍ୟାନଟି ଟେଣ୍ଟ ସାମଗ୍ରୀ ଧରି ଛତିଶଗଡ଼କୁ ଯାଉଥିଲା।

## ଜୁନାଗଡ଼ରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଜୁନାଗଡ଼,୧୬।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପରିସରରେ ଶନିବାର କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନାଗଡ ସହରର ଶତାଧିକ ମହିଳା ଯୋଗଦେଇଥିଲେ। ଉଜ୍ଜ୍ୱଳା ଯୋଜନା ଜିଲା ନୋଡାଲ ଅଫିସର ଶୋଭନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଭାବେ ଜିଲା ସହକାରୀ ନୋଡାଲ ଅଫିସର ତପନ କୁମାର ସାହୁ, ଏସ୍‌ଡିପି ଜଗନ୍ନାଥ ଆଚାରୀ, ଗଣପତି ଭାରତ ଗ୍ୟାସର ଦୁର୍ଗା ପ୍ରସାଦ ନାଏକ, ଲଙ୍କେଶ୍ୱରୀ ଇଣ୍ଡେନ ଗ୍ୟାସର ସଞ୍ଜୟ କୁମାର, ମାଳତୀ ଭାରତ ଗ୍ୟାସର ସନ୍ତୋଷ କୁମାର ନାଏକ, ମା'ଶାରଦା ଇଣ୍ଡେନ ଗ୍ୟାସର ମନୀଷ ମିତ୍ତଲ ପ୍ରମୁଖ ଯୋଗଦେଇଥିଲେ।



ଉଜ୍ଜ୍ୱଳା ସ୍ୱାଭିମାନ ଦିବସରେ ଯୋଗଦେଇଥିବା ମହିଳାମାନେ।

ଉଜ୍ଜ୍ୱଳା ଯୋଜନାର ସଫଳତା ଏବଂ ଗ୍ୟାସ ବ୍ୟବହାର ଉପରେ ମହିଳାମାନଙ୍କୁ ସଚେତନତା କରାଯାଇଥିଲା। ପରେ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଭିଡିଓ କନଫରସିଂ ମାଧ୍ୟମରେ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇଥିବା ମହିଳାଙ୍କ ସହ କଥା ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜମ୍ମୁ-କଶ୍ମୀର ପୁଲ୍‌ୱାମାରେ ଗୁରୁବାର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିତୁ ନାଏକ, ଧନଞ୍ଜୟ ଭୋଇ, ଗୌତମ ବେହେରା, ଗିରିଧାରୀ ମାଝି, ଦୁଷ୍ମନ୍ତ ନାଏକ, ଶରତ ଦାସ, ପୁରୁଷୋତ୍ତମ ପୂଝାରୀ, ଦେବେନ୍ଦ୍ର କୁମାର, ନଥୁଲାଲା ଚଣ୍ଡୀ, ସୁନୀଲ ମାଝି, ଅଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## କୋକସରାରେ କ୍ୟାଣ୍ଡେଲ ଶୋଭାଯାତ୍ରା

**କୋକସର,୧୬।୨(ଡି.ଏନ୍.ଏ.)**

କୋକସରାରେ ଶନିବାର ସନ୍ଧ୍ୟାରେ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିରରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ବଜରଙ୍ଗବଳି ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭଲିବଲ ପ୍ରଶିକ୍ଷଣ ଶିବିରର କୋଚ କମର ଅଲ୍ଲୀ ଖାନ୍, ସନ୍ତୋଷ କୁମାର ନାଏକ, ମହେଶ ଗୁପ୍ତା, ଶିବ ପ୍ରସାଦ ପ୍ରଧାନୀ, ଅଇରିନାସନ ଚିନ୍ଦା, ପ୍ରମୋଦ କୁମାର ପ୍ରଧାନୀ, ଜିତେନ୍ଦ୍ର କୁମାର ପ୍ରଧାନୀ, ବନମାଳୀ ପ୍ରଧାନୀ, ସୁନୀଲ ପ୍ରଧାନୀ, ଚନ୍ଦ୍ର ଭାନୁ ସୁନା, ରାମ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୁଖ ସାମିଲ ଥିଲେ।

## ସମାବେଶକୁ ଆସି ମହିଳା ନିଖୋଜ: ଥାନାରେ ଏତଲା

**ଭବାନୀପାଟଣା,୧୬।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ଶ୍ରୀକୃଷ୍ଣ ନଗରଠାରେ ଶନିବାର ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଏବଂ ଅଙ୍ଗନୱାଡି ସହାୟିକା ଯୋଗଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ସମାବେଶରେ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ବସ୍‌ର ସୁବିଧା କରାଯାଇଥିଲା। ଏହାର ଦାୟିତ୍ୱ ସ୍ଥାନୀୟ ପିଇଓ, ଅଙ୍ଗନୱାଡି କର୍ମୀ, ଯୋଗାଣ ସହାୟକ ନେଇଥିଲେ। ହେଲେ ସମାବେଶକୁ ଆସି ଜୁନାଗଡ଼ ବ୍ଲକ ତଳମଲା ଗ୍ରାମର ପଦ୍ମାଳୟା ଦାସ(୩୫) ନାମ୍ନୀ ଜଣେ ମହିଳା ନିଖୋଜ ହୋଇଯାଇଥିବା ଜଣାପଡିଛି। ଏନେଇ ଜୁନାଗଡ଼ ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହା ଜୁନାଗଡ଼ ଥାନାରେ ଏକ ଅଭିଯୋଗ କରିଛନ୍ତି। ମହିଳା ଜଣକ ଶନିବାର ସ୍ଥାନୀୟ ଅଙ୍ଗନୱାଡି କକକର୍ମୀ ସୁବାଷିନୀ ସେନାପତି ଓ ଯୋଗାଣ ସହାୟକ ରାଜେନ୍ଦ୍ର ଦାସଙ୍କ ଦାୟିତ୍ୱରେ ଏକ ବସ୍‌ରେ ସମାବେଶକୁ ଆସିଥିବା ନେଇ ବିଡିଓଙ୍କ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସୂଚନା ଯୋଗ୍ୟ, ସମାବେଶ ଶେଷ ପରେ ମହିଳା ଜଣକ ବସ୍‌ରେ ବସିବାକୁ ଆସିଥିଲେ। ହେଲେ ତାଙ୍କ ମୋବାଇଲ ଫୋନକୁ କେହି ଜଣେ ଫୋନ କରିଥିଲେ। ପରେ ସେ ଗାଡିରୁ ଓହ୍ଲାଇ ତଳକୁ କଥା ହେବା ପାଇଁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ମହିଳା ଜଣକ ଆସି ନ ଥିଲେ। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କୁ ପାଇ ନ ଥିଲେ। ଏନେଇ ଜୁନାଗଡ଼ ଭାରପ୍ରାପ୍ତ ବିଡିଓଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଅଭିଯୋଗ ପାଇ ବିଡିଓ ଜୁନାଗଡ଼ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି, ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କେସିଙ୍ଗା,୧୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ କେସିଙ୍ଗା ସହରବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ, ବିଜେଡି, ଭାଜପାର କର୍ମକର୍ତ୍ତା ଯୋଗଦେଇ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏପରି କି ଶତାଧିକ ଯୁବତୀ, ଯୁବକଙ୍କ ଜଗନ୍ନାଥ ମନ୍ଦିରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବଲାଙ୍ଗୀର ଛକ ପର୍ଯ୍ୟନ୍ତ ଯାଇଥିଲେ। ଅମ୍ବେଡ଼କର ଛକରେ କ୍ୟାଣ୍ଡେଲ ସ୍ଥାପନ କରି ୨ମିନିଟ ଶହୀଦଙ୍କ ପ୍ରତି ନୀରବ ପ୍ରାର୍ଥନା କରାଯାଇଥିଲା। ଆତଙ୍କବାଦୀଙ୍କ ପ୍ରତି କଡା ଯବାବ ଦେବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। କେସିଙ୍ଗା ନଗର କଂଗ୍ରେସ ସଭାପତି ଏ. ସୁରେଶ ରାଓଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ସାମିଲ୍ ହୋଇଥିବା ଜନସାଧାରଣ।

## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**କୋକସରା,୧୬।୨(ଡି.ଏନ.ଏ.)**

କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୨୪ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଭବାନୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅତିଥିମାନେ ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦେବେନ୍ଦ୍ର କୁମାର ପାଟଯୋଷୀ, ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ତୋଫାନ ମାଝି, ବୃନ୍ଦାବନ ପୂଝାରୀ, ପ୍ରଦୀପ କୁମାର ଦାସ, ମୁଖ୍ୟବକ୍ତା ମୋଟେର ସରପଞ୍ଚ ଇଂ. ସୁଶିଲ କୁମାର ଶବର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଗୁରୁଜୀ ପରମାନନ୍ଦ ବେମାଲ ଓ ଗୁରୁମା ସନ୍ଧ୍ୟାରାଣୀ ମହାରଣା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ଭାଜପା ଯୁବ ନେତା ବିଜୟଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ମନ୍ଦିରରେ ଦିଆଯାଉଥିବା ଶିକ୍ଷା ପ୍ରଣାଳୀ ଉପରେ କହିବା ସହ ଛାତ୍ରୀଛାତ୍ରୀମାନଙ୍କୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବାକୁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ କୁମାର ବାରିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ 'ଭକ୍ତ ପ୍ରହଲ୍ଲାଦ ଗୀତି ନାଟକ' ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଗୁରୁମା, ଗୁରୁଜୀ, ଅଭିଭାବକ ସହଯୋଗ କରିଥିଲେ।




ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି।

### ଜୁନାଗଡ଼ରେ ବିଜେଡିର ମିଳନ ସମାବେଶ

# ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ଜୁନାଗଡ,୧୬।୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଶନିବାର ବିଜେଡିର ମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭାଜପା, କଂଗ୍ରେସ କର୍ମୀ, ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ବିଜେଡିରେ ଯୋଗ ଦେଇଛନ୍ତି। ଅନୁଷ୍ଠିତ ମିଳନ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ସହ ନୂତନ ଭାବେ ଦଳରେ ଯୋଗଦେଇଥିବା ଭାଜପା, କଂଗ୍ରେସ କର୍ମୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜୁନାଗଡ଼ ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁଙ୍କ ନେତୃତ୍ୱରେ ଜୁନାଗଡ଼ ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡି ଜିଲା ସଭାପତି ତଥା ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଭବାନୀପାଟଣା ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ, ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ବ୍ଲକ ସଭାନେତ୍ରୀ ମନୀଷା ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷ ବିଜୟା ଲକ୍ଷ୍ମୀ କନ୍ଦପାନ, ଯୁବ ନେତା ହିମାଂଶୁ ଶେଖର ବରାଡ, ଇଂ. ଦିନେଶ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବହୁ ଚର୍ଚ୍ଚିତ ଦିବ୍ୟାଙ୍ଗ ଟଙ୍କଧର ଖର୍ସେଲ ଓ ତାଙ୍କ ସ୍ତ୍ରୀ ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିଲେ। ମିଳନ ସମାବେଶରେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ଉପାଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଚାଷୀ ନେତା ତଥା ଆଇନଜୀବୀ ବିଶ୍ୱନାଥ କର, ଯାଦବ ନେତା ଧନୁ ଗୋପାଲ, ବୃଷଭ ଧଙ୍ଗଡାମାଝି, ପଙ୍କଜ ରାଉତ, ମଦନ ମୋହନ ମାଝି, ମହିଚଲା ସରପଞ୍ଚ ଅଜୟ କୁମାର ବେହେରାଙ୍କ ସମେତ ବ୍ଲକର ଅନେକ ସରପଞ୍ଚ ଓ ଜିଲାର ବିଭିନ୍ନ ଅଞ୍ଚଳର ଭାଜପା ଓ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କଳାହାଣ୍ଡି ଏସ୍‌ପି. ବି .ଗଙ୍ଗାଧର ଘଟଣାସ୍ଥଳରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ।



ଆୟୋଜିତ ମିଳନ ସମାବେଶରେ ଉପସ୍ଥିତ ଜନସାଧାରଣ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, କ୍ୟାଣ୍ଡେଲ ଶୋଭାଯାତ୍ରା





ଝାରସୁଗୁଡ଼ା ସହରରେ ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା।



କୋଲାବିରାଠାରେ ମହମବତି ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ବ୍ରଜରାଜନଗରଠାରେ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଶିଶୁ ଓ ମହିଳା ପୁରୁଷ।

**ଝାରସୁଗୁଡ଼ା ଅଫିସ,୧୬।୨**

ଜମ୍ମୁ-କଶ୍ମୀରର ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ସେମାନଙ୍କ ପରିବାରକୁ ସମବେଦନାର ସୁଅ ଛୁଟିଛି। ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି ସଭା ଜାରି ରହିଥିବା ବେଳେ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଲୋକଙ୍କ ସ୍ୱର ଶାଣିତ ହୋଇଛି। ଶନିବାର ଝାରସୁଗୁଡ଼ାରେ ମାନବ ସେବା ସଂଘ, ୟଙ୍ଗଷ୍ଟର ଚାରିଟେବଲ ଟ୍ରଷ୍ଟ, କିଶାନଛକ ଯୁବ କମିଟି, ବିଟିଏମ୍ ବିଜୁ ଯୁବବାହିନୀ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ଶହୀଦ ଯବାନ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ ଏବଂ ଆତଙ୍କବାଦ ମୁର୍ଦ୍ଦାବାଦ ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା।

**କୋଲାବିରା,(ଡି.ଏନ୍.ଏ.)**

ଶନିବାର ଅପରାହ୍ଣରେ ସ୍ଥାନୀୟ ଯାତ୍ରାପଡ଼ିଆରେ ଗ୍ରାମ ଉନ୍ନୟନ କମିଟି, ସମଲେଶ୍ୱରୀ ସାହିତ୍ୟ ସଂସଦ, ଶହୀଦ କରୁଣାକର ସ୍ମୃତି ଟ୍ରଷ୍ଟ, ଶହୀଦ ଭଗତ ସିଂ କ୍ଲବ ଓ ଶ୍ୟାମସୁନ୍ଦର ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ପୁଲଓ୍ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଏକ ସଭା ଆୟୋଜନ କରାଯାଇ ଶହୀଦଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ବିଭିନ୍ନ ସଂଗଠନର ବୀରେନ୍ଦ୍ର ମହାପାତ୍ର, ଶୋଭାଚନ୍ଦ୍ର ନାଏକ, ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, କୀର୍ତ୍ତିଚନ୍ଦ୍ର ବହିଦାର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ, ଶିକ୍ଷାବିତ୍ ଜନ୍ମାଜୟ ବହିଦାର, ଜ୍ୟୋତିଚନ୍ଦ୍ର ପଟେଲ, ପରିବେଶବିତ୍ ହରିବଂଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆତଙ୍କବାଦୀଙ୍କ ଏହି ବର୍ବରକାଣ୍ଡ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଥିଲେ। ଶହୀଦଙ୍କ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ଏହାର ଦୃଢ଼ ଜବାବ ଦେବାର ସମୟ ଆସିଛି ବୋଲି କହିଥିଲେ।

**ବ୍ରଜରାଜନଗର,(ଡି.ଏନ୍.ଏ.)**

ବ୍ରଜରାଜନଗର ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ପୁଲଓ୍ୱାମାଠାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜିଏମ୍ କଲୋନୀସ୍ଥିତ ଶହୀଦ ସ୍ତମ୍ଭ ପାଖରେ କଲୋନୀରେ ବାସ କରୁଥିବା ଶତାଧିକ ମହିଳା, ପୁରୁଷ, ଛାତ୍ରୀଛାତ୍ର, କର୍ମଚାରୀ ଏକତ୍ରିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ସଦାଶିବ ବିଶି, ବାବୁ ବନଛୋର ପରିଚାଳନା କରିଥିଲେ। ଅନୁରୂପ ଭାବରେ ସହରର ମଣ୍ଡଳିଆ, ଇଟାଭଟା ଆଦି ସ୍ଥାନରେ ମଧ୍ୟ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

**ସଂକ୍ଷେପରେ**

## ଭୋଟ ଗ୍ରହଣ ପାଇଁ ଅଧିକାରୀଙ୍କୁ ତାଲିମ

ଝାରସୁଗୁଡ଼ା ଅଫିସ,୧୬।୨
୨୦୧୯ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଜିଲାର ମୋଟ ୧୨୨୪ ଜଣ ପ୍ରିଜାଇଡିଂ ଅଫିସର ଏବଂ ଫାଷ୍ଟ ପୋଲିଂ ଅଫିସରଙ୍କ ତାଲିମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ତାଲିମ ପ୍ରକ୍ରିୟା ୨୦ ତାରିଖ ଯାଏ ଚାଲିବ। ଜିଲାର ଝାରସୁଗୁଡ଼ା ଏବଂ ବେଲପାହାଡ଼ରେ ୩ଟି ଲେଖାଏଁ ମୋଟ ୬ଟି ତାଲିମ କେନ୍ଦ୍ର ଖୋଲାଯାଇଛି। ଝାରସୁଗୁଡ଼ା ଡିଏମ୍ଏଫ୍ କନଫରେନ୍ସ ହଲ, ଡିଆର୍‌ଡିଏ ହଲ, ଜିଲା ସମ୍ମିଳନୀ କକ୍ଷ, ବେଲପାହାଡ଼ ପୌର କାର୍ଯ୍ୟାଳୟରେ ଦୁଇଟି ଏବଂ ବେଲପାହାଡ଼ ଆର୍‌ଏସ୍‌ସିଆଇ ହଲରେ ୨୮ ଜଣ ମାଷ୍ଟର ଟ୍ରେନର ତାଲିମ ପ୍ରଦାନ କରୁଥିବା ଜରୁରୀକାଳୀନ ଅଧିକାରୀ ସୁନାସିର କିଷାନ କହିଛନ୍ତି। ଶୃଙ୍ଖଳିତ ଏବଂ ଅବାଧ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କ ନେତୃତ୍ୱରେ ନିର୍ବାଚନ ପ୍ରସ୍ତୁତି ଚାଲିଛି।

## ବଜାର ଟିକସ ଛାଡ଼ ଦାବି

**ଝାରସୁଗୁଡ଼ା ଅଫିସ,୧୬।୨:** ଚାଷୀଙ୍କ ବଜାର ଟିକସ ଛାଡ଼ କରିବା ପାଇଁ ଭାରତୀୟ କିଷାନ ସଂଘ ଝାରସୁଗୁଡ଼ା ଶାଖା ଶନିବାର ଜିଲାପାଳଙ୍କ ନିକଟରେ ଦାବି କରିଛି। ଜିଲାପାଳ ବିଭୂତି ଭୂଷଣ ଦାସଙ୍କୁ ଚାଷୀ ପ୍ରତିନିଧିମାନେ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନିକଟସ୍ଥ ବଜାରରେ ବିକ୍ରି କରିବା ପାଇଁ ଚାଷୀ ଦେବାକୁ ପଡୁଥିବା ଟିକସ ଛାଡ଼ କରିବାକୁ ସଂଘ ଦାବି କରିଛି। ଝାରସୁଗୁଡ଼ା ଜିଲାର ଚାଷୀ ନିୟମିତ ଭାବେ ଫସଲ କ୍ଷୟ, ମରୁଡ଼ି, ରୋଗପୋକ ପ୍ରାଦୁର୍ଭାବର ଶିକାର ହୋଇଆସୁଛନ୍ତି। ବର୍ଷାଭାବ, ରୋଗପୋକ ଯୋଗୁ ଧାନ ଫସଲ ନଷ୍ଟ ହୋଇଯିବା ପରେ ଚାଷୀମାନେ ପନିପରିବା ଚାଷ କରୁଛନ୍ତି। ହେଲେ ନିକଟସ୍ଥ ବଜାରରେ ବିକ୍ରି ବେଳେ ଟିକସ ଆଳରେ ଅସାମାଜିକ ଏବଂ ଗୁଣ୍ଡାଶ୍ରେଣୀୟ ଲୋକେ ଟଙ୍କା ଆଦାୟ କରି ଚାଷୀଙ୍କୁ ହଇରାଣ ହରକତ କରନ୍ତି। ତେଣୁ ପ୍ରକୃତ ଚାଷୀଙ୍କୁ ପରିଚୟପତ୍ର ପ୍ରଦାନ କରି ଟିକସ ଛାଡ଼ ବ୍ୟବସ୍ଥା କରିବାକୁ ସଂଘର ସୁରେନ୍ଦ୍ର ସାହୁ, ଅଜିତ ରଥ, କରୁଣାକର ସାହୁ, ବିଜୟ କୁମାର ଦାସ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଦାବି କରିଛନ୍ତି।

## ମହିଳା ବିଜେଡିର ବୈଠକ

**ଲଇକେରା,୧୬।୨(ଡି.ଏନ୍.ଏ.):** ଲଇକେରା ବ୍ଲକ ଝରିଆବାହାଲ ହାଟ ପଡ଼ିଆରେ ବ୍ଲକ ସଭାପତି ସୁକାନ୍ତି ଜୟପୁରିଆଙ୍କ ସଭାପତିତ୍ୱରେ ଶନିବାର ମହିଳା ବିଜେଡିର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରରୁ ଆସିଥିବା ପର୍ଯ୍ୟବେକ୍ଷକ ଶ୍ରଦ୍ଧାଞ୍ଜଳି ରାଏ, ସବିତା ଆଚାର୍ଯ୍ୟ ଏଥିରେ ଯୋଗଦେଇ ପଞ୍ଚାୟତ ସ୍ତରରେ ଗଠିତ ମହିଳା କମିଟି ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡ଼ିକ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ମୋର୍ଚ୍ଚା ସଭାପତି ଜୟକୁମାରୀ ପଟେଲ, ଲଇକେରା ବ୍ଲକ ମହିଳା ମୋର୍ଚ୍ଚା ସଭାପତି ଲକ୍ଷ୍ମୀ ରଣା, ସମ୍ପାଦିକା ମମତା ମାଝିଙ୍କ ସମେତ ୧୧ ପଞ୍ଚାୟତର ଶତାଧିକ ମହିଳା କର୍ମୀ ଯୋଗଦେଇଥିଲେ।

## ବର୍ଷିଲା, ଖସିଲା ପାରଦ
# ୧୯ରୁ ବଢ଼ିବ ତାତି

**ଭୁବନେଶ୍ୱର,୧୬।୨(ବ୍ୟୁରୋ)**

ଶନିବାର ପାହାନ୍ତାରୁ କଳାହାଣ୍ଡିଆ ମେଘ ଘୋଟି ଆସିଲା। ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ଘଡଘଡି ସହ ବର୍ଷା ଅଚାନକ ପାଗରେ ପରିବର୍ତ୍ତନ ଆଣିଥିଲା। ବର୍ଷା ଯୋଗୁ ରାସ୍ତାଘାଟ ଶୁନଶାନ ହୋଇଯାଇଥିଲା। ସହରାଞ୍ଚଳରେ ପାର୍କ ଶୁନଶାନ ରହିଥିଲା। ଲୋକମାନେ ପ୍ରାତଃ ଭ୍ରମଣ କରି ପାରି ନ ଥିଲେ। ପଶ୍ଚିମ, ଦକ୍ଷିଣ ଏବଂ ଉପକୂଳ ଓଡିଶାରେ ବର୍ଷା ଲାଗିରହିଥିଲା। ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୨୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୧୫, ଭବାନୀପାଟଣା ୬, ହୀରାକୁଦ ୧୦.୫, ସମ୍ବଲପୁର ୧୦.୪, ତାଳଚେର ୧୨, ସୁନ୍ଦରଗଡ ୫, ଝାରସୁଗୁଡା ୧୪.୬, କେନ୍ଦୁଝର ୧୬, ବାଲେଶ୍ୱର ୨.୪, କଟକ ୩, ଭୁବନେଶ୍ୱର ୧.୫, ଅନୁଗୋଳ ୧୦ ଏବଂ ବାରିପଦାରେ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବ। ତେବେ ବର୍ଷା ଯୋଗୁ ରାଜ୍ୟରେ ଆସନ୍ତା ଦୁଇଦିନ ପାରଦ ୨ରୁ ୪ଡିଗ୍ରୀ ସେଲସିୟସ ତଳକୁ ଖସିବ। ତେବେ ପୁଣି ୧୯ ତାରିଖରୁ ପାରଦ ଉପର ମୁହାଁ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଉପରକୁ ଚାଲିଯିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୩ ପରେ ପୁଣି ପାଗରେ ପରିବର୍ତ୍ତନ ହୋଇ ପାରଦ ତଳକୁ ଖସିବ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

**ସରସ୍ୱତୀ ପୂଜା ଉପଲକ୍ଷେ ସାଂସ୍କୃତିକ ସମାରୋହ**

# ପରମ୍ପରା ବଞ୍ଚାଇ ରଖିବାକୁ ଯୁବପିଢ଼ିଙ୍କ ପ୍ରୟାସ

**ଲଖନପୁର,୧୬।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପିପିଲିକାନୀ ପଞ୍ଚାୟତ ଡେଙ୍ଗସର୍ଗି ଗ୍ରାମରେ ସରସ୍ୱତୀ ପୂଜା ଉପଲକ୍ଷେ ଜ୍ୟୋତି ଯୁବକ ସଂଘ ପକ୍ଷରୁ ୩୯ତମ ସାଂସ୍କୃତିକ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ନାୟକ, ନାଏବ ସରପଞ୍ଚ ଦୁଃଖନାଶନ ଦେହେରୀ, ବୃନ୍ଦାବନ ସେନାପତି, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମିଶ୍ର, ପ୍ରଭାସିନୀ ସେଠ, ରମେଶ ନାୟକ, ଦିବାକର ସେନାପତି, ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। ହରିବନ୍ଧୁ ସେନାପତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଟିକେଶ୍ୱର ସେନାପତି ସଭା ପରିଚାଳନା କରିବା ସହ ଜ୍ୟୋତି ଯୁବକ ସଂଘ ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ସଂଘ ପକ୍ଷରୁ ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥି ସାଏଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦୀର୍ଘବର୍ଷ ହେଲାଣି ଗ୍ରାମକୁ ପକ୍କା ରାସ୍ତା ନ ଥିଲା। ସାଏଙ୍କ ଉଦ୍ୟମ କ୍ରମେ ଏହା ସମ୍ଭବ ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ପରେ ଗ୍ରାମର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଲକ୍ଷ୍ମୀ ଗଣନାଟ୍ୟ ପକ୍ଷରୁ ନାଟକ ପରିବେଷଣ ହୋଇଥିଲା। ନନ୍ଦଲାଲ ସେନାପତି, ଶାନ୍ତିଲାଲ ସେନାପତି, ଜୟଲାଲ ସେନାପତି, ସୁନୀଲ ଛତର, ନୃପମଣି ଭୋଇ, ଗୌରହରି ଚନ୍ଦନ, ଶ୍ରୀଧର ଭୋଇ, ପ୍ରେମସାଗର ଖିଲାରୀ, ପ୍ରକାଶ ଖିଲାରୀ, ସୁନୀଲ ଭୋଇ, ସୁଶାନ୍ତ ରାଉତ, ରମାକାନ୍ତ ଭୋଇ, ସୁଶାନ୍ତ ନାୟକ, ପଦ୍ମଲାଲ ହଂସ ପ୍ରମୁଖ ସହଯୋଗ କରିଥିଲେ। ଦିବାକର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



ସାଂସ୍କୃତିକ ସମାରୋହରେ ଉପସ୍ଥିତ ଅତିଥି।




ମିତ୍ରଭାନୁ ପାଢ଼ଯୋଶୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

**ମିତ୍ରଭାନୁ ପାଢ଼ଯୋଶୀ ସ୍ମାରକୀ କ୍ରିକେଟ**

# ଚାରଭାଟି ବିଜୟୀ

**ବ୍ରଜରାଜନଗର,୧୬।୨(ଡି.ଏନ୍.ଏ.)**

ରାଜପୁର ପଞ୍ଚାୟତ ନେତାଜୀ କ୍ଲବ ଆନୁକୂଲ୍ୟରେ ଶନିବାର ୧୧ଶ ମିତ୍ରଭାନୁ ପାଢ଼ଯୋଶୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବରପାଲି ଓ ଚାରଭାଟି ମଧ୍ୟରେ ଉଦଘାଟନୀ ମ୍ୟାଚ୍ ଖେଳାଯାଇଥିଲା। ଚାରଭାଟି ବିଜୟୀ ହୋଇଛି। ଏଥିରେ ଜିଲା ପରିଷଦ ସଭ୍ୟ ହର୍ଷ ଜଗତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ପାଢ଼ଯୋଶୀ, ଗଣେଶରାମ ବାଗ, ତପସ୍ୱିନୀ ମେହେର, ପ୍ରତାପ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ।

## ଟ୍ରକ୍ ଆଗକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କନଷ୍ଟେବଲ ସମ୍ବର୍ଦ୍ଧିତ

**କଟକ ଅଫିସ, ୧୬।୨**

ନିଜ ଜୀବନକୁ ବାଜି ଲଗାଇ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କଟକ ସଦର ଥାନାର କନଷ୍ଟେବଲ ଶରତ କୁମାର ବିଶ୍ୱାଳଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର କଟକର କମିଶନରେଟ ପୋଲିସର କ୍ୟାମ୍ପ ଅଫିସ୍‌ରେ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଡିସିପି ଅଖିଳେଶ୍ୱର ସିଂ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ବ୍ରାହ୍ମଣୀଝିଲୋ କଲେଜର କେତେଜଣ ଛାତ୍ରୀଛାତ୍ର ଅନ୍ୟମନସ୍କ ଭାବେ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସୁଥିଲା। ରାସ୍ତାଟି ଅଣଓସାରିଆ ଥିବାବେଳେ ଟ୍ରକ୍‌ଟି ପାର୍ଶ୍ୱକୁ ଯିବାକୁ ଉପାୟ ନ ଥିଲା। ଏହି ସମୟରେ ସେଠାରେ କାର୍ଯ୍ୟ କରୁଥିବା କନଷ୍ଟେବଲ ଶରତ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରମାନଙ୍କୁ ଠେଲି ଦେଇଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚିଯାଇଥିଲା।

# ୫ ପ୍ରକଳ୍ପର ଶିଳାନ୍ୟାସ

**ଲଖନପୁର,୧୬।୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତରେ ଗୋଟିଏ ଦିନରେ ୫ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ। ଛଡ଼ାରମା ଗ୍ରାମ ଡୁଙ୍ଗୁରୀପଡ଼ା, ବିନିକା ଗ୍ରାମ ଗଣ୍ଡପଡ଼ା, ବନହରପାଲି ଗ୍ରାମ ହରିଜନପଡ଼ା, ତେଲେନପାଲି ଗ୍ରାମ ପମ୍ପହାଉସ୍ ତଳିପଡ଼ା ଏବଂ ରେଲୱେ ଫାଟକପଡ଼ାରେ ଜନସମ୍ମିଳନୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ଆମ ଗାଁ ଆମ ବିକାଶ ପାଣ୍ଠିରୁ ୫ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ବରାଦ କରାଯାଇଛି। ପ୍ରକଳ୍ପଗୁଡ଼ିକର ନିର୍ମାଣ ତୁରନ୍ତ ଆରମ୍ଭ କରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବାକୁ ଅଧ୍ୟକ୍ଷା ପ୍ରଧାନ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶିଳାନ୍ୟାସ ଉତ୍ସବରେ ପ୍ରସନ୍ନ ପ୍ରଧାନ, ରଞ୍ଜନ ଭୋଇ, ପୂର୍ବତନ ସରପଞ୍ଚ ଆନନ୍ଦ ଭୋଇ, ଅନିତା କଣ୍ଟା, ମଙ୍ଗଳା ଲାକ୍ରା, ଦଶରଥ ଭୋଇ, ମିତ୍ରଭାନୁ ହାତୀ, ମଣ୍ଟୁ ଭୋଇ, ସଚ୍ଚୀନ୍ଦ୍ର ପ୍ରଧାନ, ପୁଷ୍ପଲତା ମାଝି, ଆରତୀ ବୁଢ଼ା, ପବିତ୍ର କଣ୍ଟା, କୃଷ୍ଣ ବୁଢ଼ା, ସ୍ୱର୍ଣ୍ଣଲତା ଦାସ, ମଞ୍ଜୁ ପ୍ରଧାନ, କରମା ମିଞ୍ଜ, ସଂସାର ମହାନନ୍ଦ, ସନାତନ ବେହେରା, ଅକ୍ଷୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମବାସୀଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

**ନୂତନ ନିର୍ମାଣରେ କଳଙ୍କି-୨**

# ୫୦ କୋଟିର ହସ୍ପିଟାଲ, ତଳେ ଗଡୁଛନ୍ତି ରୋଗୀ

**ଝାରସୁଗୁଡ଼ା ଅଫିସ,୧୬।୨**

ଝାରସୁଗୁଡ଼ା ନୂତନ ନିର୍ମାଣର ଆଉ ଏକ ନମୁନା ହେଉଛି ବାଲିଯୋରୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠା। ଏଠାରେ ମଧ୍ୟ କଳଙ୍କି ଲାଗିବା ଆରମ୍ଭ ହେଲାଣି। ୭ ମହଲା ବିଶିଷ୍ଟ ଏହି କୋଠାରେ ଖର୍ଚ୍ଚ ହୋଇଛି ୫୦ କୋଟିରୁ ଅଧିକ ଟଙ୍କା। ବହୁ ବାଦବିବାଦ ପରେ ବର୍ଷକ ପୂର୍ବେ ୨୦୧୮ ଜାନୁୟାରୀ ୪ରେ ଏହି କୋଠାର ଉଦ୍‌ଘାଟନ କରିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା। ନିର୍ମାଣ ହୋଇଥିବା ସୁଉଚ୍ଚ ଗୋଲାପି କୋଠାରେ ରୋଗୀ ଚିକିତ୍ସା ସୁବିଧା ପାଇବେ ବୋଲି ବହୁ ଆଶାବାଦୀ ଥିଲେ। ହେଲେ ବର୍ଷେ ବିତିଗଲାଣି ପୁରୁଣା ହସ୍ପିଟାଲ କୋଠାରୁ ଚିକିତ୍ସା ଉପକରଣ ସମ୍ପୂର୍ଣ୍ଣ ସ୍ଥାନାନ୍ତର ହୋଇପାରୁନାହିଁ। ଅଧା ଉପକରଣ ଏବଂ ଯଂନ୍ତ୍ରାଂଶ ମଙ୍ଗଳବଜାରସ୍ଥିତ ପୁରୁଣା କୋଠାରେ ରହିଥିବାବେଳେ ଆଉ ଅଧା ଜିନିଷ ନୂଆ କୋଠାକୁ ସ୍ଥାନାନ୍ତର ହୋଇଛି। ରୋଗୀ କେବଳ ହନ୍ତସନ୍ତ ହେଉଛନ୍ତି। ଏପରିସ୍ଥଳେ ଲୋକଙ୍କୁ ବିକଶିତ ରୋଗୀସେବାର ସ୍ୱପ୍ନ ଦେଖାଉଥିବା ନେତାମାନେ ହସ୍ପିଟାଲ ସ୍ଥାନାନ୍ତର ପ୍ରସଙ୍ଗରେ ମୁଣ୍ଡ ପୂରାଇବାକୁ ଇଚ୍ଛା କରୁନାହାନ୍ତି। ଅନ୍ୟପକ୍ଷରେ ଜିଲାରେ ଡାକ୍ତରଙ୍କ ସଂଖ୍ୟା ଅନୁମୋଦନ ହାରଠାରୁ ଅଧା। ଡାକ୍ତର କିମ୍ବା ହସ୍ପିଟାଲ ନୁହେଁ ବରଂ ଭଗବାନଙ୍କ ଭରସାରେ ଏଠି ରୋଗୀ ଜୀବନ କଟୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

୨୦୧୩ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠିରୁ ବାଲିଯୋରୀଠାରେ ୩ ଶହ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଥିଲେ। ଏହାର ଠିକ୍ ୫ ବର୍ଷ ପରେ ୨୦୧୮ ଜାନୁୟାରୀରେ କୋଠା କାମ ଶେଷ ହେଲା। ସ୍ୱାସ୍ଥ୍ୟମନ୍ତ୍ରୀ କୋଠାର ଉଦ୍‌ଘାଟନ କଲେ। ହେଲେ ରୋଗୀ ଆଗରୁ ଯେପରି ବେଡ୍ ଅଭାବରୁ ତଳେ ଶୋଉଥିଲେ ଏବେ ବି ସେପରି ପଡ଼ି ରହୁଛନ୍ତି। ନୂଆ କୋଠାରେ ଶଯ୍ୟାଗୁଡ଼ିକ ଖାଲି ପଡ଼ିଛି। ଅଥଚ ସ୍ଥାନାନ୍ତର ହୋଇପାରୁ ନ ଥିବାରୁ ପୁରୁଣା କୋଠାରେ ରୋଗୀ ତଳେ ଶୋଇ ଛଟପଟ ହେଉଛନ୍ତି। ଦୁଇଟି ସ୍ଥାନରେ ପୃଥକ ପୃଥକ ଆଶୁଚିକିତ୍ସା ବିଭାଗ ଖୋଲାଯାଇଛି। ହେଲେ ମେଡିସିନ, ପାଥୋଲୋଜି, ଏକ୍ସ-ରେ, ଏସ୍‌ଏନ୍‌ସିୟୁ, ବ୍ଲଡ୍‌ବ୍ୟାଙ୍କ ସମେତ ଯାବତୀୟ ପରୀକ୍ଷା ନିରୀକ୍ଷା ପୁରୁଣା କୋଠାରେ ହେଉଛି। ନୂଆ ହସ୍ପିଟାଲ ପାଖରେ ମେଡିସିନ୍ ସୁବିଧା ନାହିଁ। ନୂଆ କୋଠାରେ ଡାକ୍ତର ବସୁଥିବାବେଳେ ଅନ୍ୟାନ୍ୟ ସୁବିଧା ମିଳୁଛି ପୁରୁଣା କୋଠାରେ।

ଜିଲାରେ ଡାକ୍ତର ଅଭାବ ସମସ୍ୟା ନ କହିବା ଭଲ। ଜିଲା ପାଇଁ ୧୬୫ ଡାକ୍ତର ପଦବୀ ଅନୁମୋଦନ ହୋଇଥିବାବେଳେ ୭୩ ପଦବୀ ଖାଲିପଡ଼ିଛି। ସେହିପରି କେବଳ ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୫୨ ଡାକ୍ତର ପଦବୀ ଅନୁମୋଦନ ରହିଥିବା ସ୍ଥଳେ ଏଠାରେ କେବଳ ୩୭ ଡାକ୍ତର ଅଛନ୍ତି। ଡାକ୍ତର ଅଭାବ ପରିସ୍ଥିତି ସହ ଦୁଇଟି ସ୍ଥାନରେ ହସ୍ପିଟାଲ ପରିଚାଳିତ ହେବା ଯୋଗୁ ଏହା ରୋଗୀଙ୍କ ପାଇଁ ଅଧିକ କଷ୍ଟଦାୟକ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା. ଶଶୀଭୂଷଣ ପଟେଲ କହନ୍ତି, ସ୍ଥାନାନ୍ତର ପାଇଁ ବାରମ୍ବାର ପ୍ରୟାସ କରାଯାଇଛି। ହେଲେ ସ୍ଥାନୀୟ ଲୋକଙ୍କ ବିରୋଧ ଏଥିରେ ପ୍ରତିବନ୍ଧକ ସାଜିଛି। ତେବେ ହସ୍ପିଟାଲ ସ୍ଥାନାନ୍ତର ପାଇଁ ଜିଦ ଧରିଥିବା ନେତା ଏବେ ଚିକିତ୍ସା ଉପକରଣ ସ୍ଥାନନ୍ତର ବେଳେ ନୀରବ କାହିଁକି ବୋଲି ପ୍ରଶ୍ନ ଉଠିଛି।





ଜିଲା ହସ୍ପିଟାଲର ନୂଆ କୋଠାରେ ଶଯ୍ୟାଗୁଡ଼ିକ ଖାଲି ପଡ଼ିଛି (ବାମ)। ପୁରୁଣା କୋଠାରେ ଜଣେ ରୋଗୀ ତଳେ ପଡ଼ିରହିଛନ୍ତି।



ଯିଏ ଭଗବାନଙ୍କ ଉପରେ ଭରସା ରଖେ ସେ କେବେ ବି ଭଗବାନଙ୍କ ପ୍ରେମାପ୍ଲୁତ ବାହୁର ଆଶ୍ରୟରୁ ବଞ୍ଚିତ ହୁଏ ନାହିଁ।
- ଶ୍ରୀମା

## ସଂକ୍ଷେପରେ

### ଶହୀଦ ଯବାନଙ୍କ ପାଇଁ ସବ୍‌ଡେଗାରେ ରାଲି

ସବ୍‌ଡେଗା, ୧୬।୨ (ଡି.ଏନ.ଏ)
ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର ସବଡେଗା ଗ୍ରାମରେ ଦୋକାନ ବଜାର, ଯାନବାହାନ ଚଳାଚଳକୁ ଦୁଇ ଘଣ୍ଟା ଧରି ବନ୍ଦ କରାଯାଇଥିଲା। ସବ୍‌ଡେଗା ନେତାଜୀ ଯୁବକ ସଂଘ ତରଫରୁ ବିଶାଳ ରାଲି ପୁରା ଗ୍ରାମ ପରିକ୍ରମା କରିଥିଲା। ଯେଉଁଥିରେ ଅନେକ ଅଞ୍ଚଳବାସୀଙ୍କ ସହ ସ୍କୁଲ, କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଅନେକ ପଥଚାରି ଯାନବାହନର ଡ୍ରାଇଭରମାନେ ଯୋଗଦେଇ ରାଲିରେ ସାମିଲ ହୋଇଥିଲେ। ପାକିସ୍ତାନ ମୁର୍ଦ୍ଦାବାଦ, ବୀର ଶହୀଦ ଯବାନ ଅମର ରହେ ସ୍ଲୋଗାନରେ କମ୍ପି ଉଠୁଥିଲା ସବଡେଗାର ରାସ୍ତାଘାଟ। ରାଲି ବସଷ୍ଟାଣ୍ଡ ନିକଟରେ ପହଞ୍ଚିବା ପରେ ସମସ୍ତେ ଏକଜୁଟ ହୋଇ ଶହୀଦ ବୀର ଯବାନମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ ପାକିସ୍ତାନ ଆତଙ୍କବାଦୀଙ୍କୁ ସରକାର ଉଚିତ ଜବାବ ଦିଅ ବୋଲି ନାରା ଲଗାଯାଇଥିଲା।



### ପରିବେଶ ବଞ୍ଚାଇବା ବାର୍ତ୍ତା ନେଇ ସାଇକେଲ ଶୋଭାଯାତ୍ରା

ସୁନ୍ଦରଗଡ଼, ୧୬।୨ (ଡି.ଏନ୍.ଏ)
-ଖଣିଖାଦାନ, କଳକାରଖାନା ଓ ବିଭିନ୍ନ ଶିଳ୍ପପ୍ରତିଷ୍ଠାନ ପ୍ରତିଷ୍ଠା ଯୋଗୁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି। ଏହାର ପ୍ରତିକୂଳ ପ୍ରଭାବ ଏବେ ପରିବେଶ ଉପରେ ପଡିଛି। ଏଥି ସହିତ ବହୁଳ ଭାବେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ମଧ୍ୟ ପରିବେଶ ବିପନ୍ନ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ପରିବେଶ ବଞ୍ଚାଇବା ବାର୍ତ୍ତା ନେଇ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ଡଃ ଦୁବରାଜ ନାଏକଙ୍କ ନେତୃତ୍ୱରେ ୧୬ଜଣିଆଁ କଲେଜ ଛାତ୍ରୀଙ୍କୁ ନେଇ ଏକ ସାଇକେଲ ଅଭିଯାତ୍ରୀ ଦଳ ଝାରସୁଗୁଡା ଓ ସୁନ୍ଦରଗଡ ଜିଲାର ବିଭିନ୍ନ ଗ୍ରାମ ପରିକ୍ରମା କରୁଛନ୍ତି। ଗତ ୧୧ରୁ ନିଜ ଗ୍ରାମ କୁଅଁରମାଲ ଗ୍ରାମରୁ ବାହାରିଥିବା ଏହି ପୂର୍ବତନ କୁଳପତି ପ୍ରଫେସର ଡଃ ନାଏକ ପ୍ରତିଦିନ ଏହି ସାଇକେଲ ଅଭିଯାତ୍ରୀ ଦଳ ସହ ୬୦କି.ମି ରାସ୍ତା ସାଇକେଲରେ ପରିକ୍ରମା କରି ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ସଚେତନତା ସଭା ଓ ବିଭିନ୍ନ ଗ୍ରାମଗୁଡିକରେ ପଥପ୍ରାନ୍ତ ସଭା ଜରିଆରେ ଛାତ୍ରୀ ,ଛାତ୍ର ,ଯୁବକ ଓ ଜନସାଧାରଣଙ୍କୁ ପରିବେଶ ବଞ୍ଚାଇବା ପାଇଁ ସଚେତନ କରୁଛନ୍ତି। ସାଇକେଲ ଅଭିଯାତ୍ରୀ ଦଳ ଶୁକ୍ରବାର ସୁନ୍ଦରଗଡ ଜିଲା ଦର୍ଲିପାଲି ଗ୍ରାମପଞ୍ଚାୟତର ସାହାଜବାହାଲ ପ୍ରାଥମିକ ବିଦ୍ୟାଳୟ ଓ ରାଇବଗା ଗ୍ରାମପଞ୍ଚାୟତର ଟଙ୍କଧର ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସଭା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ।

# ଡିଜେଲ ଚୋରି ର୍‍ୟାକେଟ ଧରାପଡିଲା





କୋଇଡା ପୋଲିସ ଦ୍ୱାରା ଗିରଫ ୩ ଅଭିଯୁକ୍ତ। ଜବତ ଡ଼ିଜେଲ, ବୋଲେରୋ।

- ରାଜପଥରେ ଅଟକୁଥିବା ଗାଡ଼ିରୁ ଚୋରି
- ୩ ଜଣ ଗିରଫ, ଜଣେ ଫେରାର୍
- ୩ ମୋବାଇଲ, ୧ ବୋଲେରୋ ଜବତ

ଟେନ୍‌ସା, ୧୬।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ପୋଲିସ ଶନିବାର ଭୋର ଡ଼ିଜେଲ ଚୋରି ର୍‍ୟାକେଟକୁ ଧରିଛି। ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଖସିପଳାଇଥିବାବେଳେ ଅନ୍ୟ ୩ଜଣ ଧରାପଡ଼ିଛନ୍ତି। ପୋଲିସ ସେମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଛି। କୋଇଡ଼ା, ଯୋଡା, ରୁଗୁଡି, ବାଂଶପାଣି, ବଡବିଲ ଆଦି ଅଞ୍ଚଳରେ ଏହି ର୍‍ୟାକେଟ ଡ଼ିଜେଲ ଚୋରି କରୁଥିଲେ। ରାସ୍ତାରେ ଛିଡା ହୋଇଥିବା ଗାଡିରୁ ସେମାନେ କୌଶଳକ୍ରମେ ଡିଜେଲ ଚୋରି କରି ବିକ୍ରି କରୁଥିଲେ।

ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଗତ କିଛି ଦିନ ହେବ ରାସ୍ତା କଡରେ ରାତିରେ ଛିଡା ହୋଇଥିବା ଟ୍ରକ, ଡମ୍ପର ଗାଡିମାନଙ୍କରୁ ଡିଜେଲ ଚୋରି ହୋଇଥିବାର କୋଇଡା ଥାନାରେ ଅଭିଯୋଗ ହୋଇଥିଲା । ଏପରିକି ସୀମାନ୍ତ କେନ୍ଦୁଝର ଜିଲାର ଯୋଡା, ବଡବିଲ, ରୁଗୁଡି ଥାନାରେ ମଧ ଅଭିଯୋଗ ହୋଇଥିଲା। ପୋଲିସ ମିଳିତ ଅନୁସନ୍ଧାନ ଜାରି ରଖିଥିଲା। ର୍‍ୟାକେଟକୁ ଧରିବା ପାଇଁ ପୋଲିସ ପାଟ୍ରୋଲିଂ ଜାରି ରଖିଥିଲା। ଶୁକ୍ରବାର ରାତିରେ କୋଇଡାର ରଞ୍ଜନ ଖାନ୍ ଗାଡିରୁ ଡିଜେଲ ଚୋରି ହୋଇଥିବାର କୋଇଡା ଥାନାରେ ଅଭିଯୋଗ ହୋଇଥିଲା । କୋଇଡା ଥାନା ଅଧିକାରୀ ସୁଶାନ୍ତ ଦାଶ ତୁରନ୍ତ ସଦଳବଳ ରାତିରେ ପାଟ୍ରୋଲିଂରେ ବାହାରି ପଡିଥିଲେ। ଭୋର ୨୧୫ ନମ୍ବର ଜାତୀୟ ରାଜପଥର କୋଇଡା ନିକଟରେ ଗାଡିରୁ ଡିଜେଲ ବାହାର କରୁଥିବା ବେଳେ ପୋଲିସ ସେମାନଙ୍କୁ ଧରି ନେଇଥିଲେ। ସେମାନଙ୍କ ମଧ୍ୟରୁ ମାଷ୍ଟର ମାଇଣ୍ଡ ବୋଲାଉଥିବା ଯୋଡା ଆଜାଦ୍ ବସ୍ତିର ଭରତ ଦାସ ଖସି ପଳାଇଯାଇଥିଲା। ଯୋଡା ବୁନ୍ଦାର ନାଳ ଗ୍ରାମର ରେଶନ କରମାକର (୨୨), ଯୋଡା ଆଜାଦ ବସ୍ତିର ଏମଡି ଇରଫାନ୍ ଅନଶାରୀ (୩୩), ରୁଗୁଡି ଥାନା ଅଞ୍ଚଳର ଭୀମ ପାତ୍ର (୨୨)ଙ୍କୁ ପୋଲିସ ଗିରଫ କରିଥିଲା। ଏହା ସହ ଓଆର୍ ୨୩ବିଏସ ନମ୍ବର ବିଶିଷ୍ଟ ବୋଲେରୋ ଗାଡି, ୩ଟି ମୋବାଇଲ, ୫୦ ଲିଟର ଡିଜେଲ, ପାଇପ, ରେଞ୍ଜି, ପାନା ଆଦି ଜବତ ଜବତ କରିଛି ପୋଲିସ। ଏନେଇ କୋଇଡା ପୋଲିସ ଏକ ମାମଲା (ନଂ.୧୪/୧୯) ରୁଜୁ କରି ବଣାଇଁ କୋର୍ଟ ଚାଲାଣ କରିଛନ୍ତି। ଗିରଫ ବ୍ୟକ୍ତିମାନଙ୍କ ନାମରେ ଆଗରୁ ଯୋଡା, ରୁଗୁଡି, ବଡବିଲି ଥାନାରେ ମାମଲା ରୁଜୁ ହୋଇଥିବାର ପୋଲିସ ପ୍ରକାଶ କରିଛି । ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି କୋଇଡା ଥାନା ଅଧିକାରୀ ଦାଶ ପ୍ରକାଶ କରିଛନ୍ତି।

# ମିଶନ ଶକ୍ତି କାରଭ୍ୟାନ ସଚେତନତା ଅଭିଯାନ

ହେମଗିର, ୧୬।୨ (ଡି.ଏନ.ଏ)

ତୃଣମୂଳ ସ୍ତରରୁ ମିଶନ ଶକ୍ତିକୁ ସଶକ୍ତି କରିବା ପାଇଁ ସରକାର ପ୍ରତ୍ୟେକ ଗ୍ରାମମାନଙ୍କରେ ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମଗିର ବ୍ଲକରେ ଗତ ୧୩ରୁ ଆରମ୍ଭ ହୋଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତ ୧୬ ତାରିଖରେ ସାନଘୁମୁଡା ପଞ୍ଚାୟତର ତୁଲିଙ୍ଗାଠାରେ ଏହାଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ସୁରଥ କୁମାର ପଧାନ ଯୋଗଦେଇ ମହିଳାମାନଙ୍କୁ ମିଶନଶକ୍ତିର ଗଠନ ଓ ଉପାଦେୟତା ଉପରେ ବୁଝାଇଥିଲେ। ଏହି ଅବସରରେ ମହିଳାମାନଙ୍କୁ ନେଇ ହୁଳହୁଳି, ମ୍ୟୁଜିକ ଚେୟାର, ଝୋଟିଚିତା, ସାପସିଡି ଖେଳର ପ୍ରତିଯୋଗିତା କରାଯାଇଥିଲା । ସେଥିରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶର ସୁପର ଭାଇଜର ସୁପ୍ରିୟା ପଟେଲ, ମିନଶଶକ୍ତି ଜରିଆରେ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମୋବାଇଲ ପାଇଁ ତିନି ହଜାର ଟଙ୍କା, ମୂଳପାଣ୍ଠି ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହଯୋଗ, ବ୍ଲକ ଫେଡେରେସନ୍‌ରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ଥାୟୀ ଜମା, ପ୍ରତ୍ୟେକ ପଞ୍ଚାୟତରେ ମିଶନଶକ୍ତି ଭାବେ ନିର୍ମାଣ ଭଳି ପଦକ୍ଷେପ ନେଉଥିବା ବୁଝାଇଥିଲେ। ଏଥିରେ କାରଭ୍ୟାନ ପ୍ରଚାର ଅଭିଯାନର ସୁପରଭାଇଜର ମହନଲାଲ ପଟେଲ, ପଞ୍ଚାୟତ ଫେଡେରେସନ୍‌ର ସଭାପତି ସବିତା ଦଣ୍ଡସନା, ଅଙ୍ଗନୱାଡି କର୍ମୀ ଅଲୁରୀ ପଧାନ, ଜେମା ଦେଇ ସାହୁ, ବିଳାସିନୀ ବାଗ, ପୌରୀ ସା ପ୍ରମୁଖ ଉପସ୍ଥିତ ଥିଲେ। ସାନଘୁଗୁଡା ପଞ୍ଚାୟତର ତୁଲିଙ୍ଗା, ବେଲିଡିହି, ମଝାପଡା, ଖୁଣ୍ଟିଝରିଆ ଗ୍ରାମରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗଦେଇଥିଲେ।



ତୁଲିଙ୍ଗାଠାରେ ମିଶନଶକ୍ତି କାରଭ୍ୟାନ ସଚେତନତା ଅଭିଯାନ।

# କାନ୍ଥ କାଟି ଇଲେକ୍ଟ୍ରୋନିକ୍ସ, ଗ୍ରୋସରି ଦୋକାନରୁ ଚୋରି

ବେଦବ୍ୟାସ, ୧୬।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଅଞ୍ଚଳର ଦୁଇଟି ଦୋକାନରୁ ଚୋରି ହୋଇଛି। ଏକ ଗ୍ରୋସରୀ ଦୋକାନ ସମେତ ମୋବାଇଲ ଦୋକାନର କାନ୍ଥ କାଟି ଶୁକ୍ରବାର ବିଳମ୍ବିତ ରାତିରେ ସାମଗ୍ରୀ ସମେତ ଟଙ୍କା ଲୁଟ ହୋଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇଛି। ବେଦବ୍ୟାସଛକ ସ୍ଥିତ ଆରଏନ ଟ୍ରେଡର୍ ରାଶନ ଦୋକାନର କାନ୍ଥ କାଟି କାଜୁ, ଚା ପତି, ଫେୟାର ଲଭଲୀ ଆଦି ୧୫ ହଜାର ଟଙ୍କାର ଗ୍ରୋସରୀ ସାମଗ୍ରୀ, ଦୋକାନରେ ଥିବା ନଗଦ ୫ହଜାର ଟଙ୍କା ଲୁଟ ହୋଇଛି। ନିକଟରେ ଥିବା ଆରିୟାଲ ଇଲେକଟ୍ରୋନିକ୍ସ ଦୋକାନର କାନ୍ଥ କାଟି ବିଭିନ୍ନ କମ୍ପାନୀର ପ୍ରାୟ ୩୦ଲକ୍ଷ ଟଙ୍କାର ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ଉଭୟ ଦୋକାନୀ ସବୁଦିନ ଭଳି ସକାଳ ପ୍ରାୟ ୯ଟାରେ ଦୋକାନ ଖୋଲିବାରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ମୋବାଇଲ ଦୋକାନର ମାଲିକ ଭୂପିନ୍ଦ୍ର ସାହୁ ଓ ଗ୍ରୋସରୀ ଦୋକାନର ମାଲିକ ସୌମେନ୍ଦ୍ର ପ୍ରଧାନ ଥାନାରେ ପୃଥକ ପୃଥକ ଲିଖିତ ଅଭିଯୋଗ କହିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଧରାପଡିଯିବା ସହ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରାଯିବ ବୋଲି ପୋଲିସ କହିଛି।



ଦୋକାନ କାନ୍ଥ କାଟି ଦିଆଯାଇଛି।

## ପ୍ରଗତି ଉତ୍କଳ ସଂଘ ପକ୍ଷରୁ ପୁସ୍ତକ ବଣ୍ଟନ

ରାଉରକେଲା ଅଫିସ,୧୬।୨

ଷ୍ଟିଲ ସିଟିର ପୁରାତନ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ସଂଗଠନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ନେଇ ସେକ୍ଟର-୧୭ସ୍ଥିତ ମଧୁସୂଦନ ଶିକ୍ଷା ନିବାସରେ ଓଡ଼ିଆ ପୁସ୍ତକ ବିତରଣ କରାଯାଇଛି। ଓଡ଼ିଆ ଭାଷାର ସମୃଦ୍ଧି ନେଇ ଅନୁଷ୍ଠାନ ସର୍ବଦା ଉଦ୍ୟମ କରି ଆସୁଥିବାବେଳେ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରି ଆଉ ଏକ ନିଆରା ପଦକ୍ଷେପ ନେଇଛି। ଏ ନେଇ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଥମ ପର୍ଯ୍ୟାୟରେ ୪୦ଖଣ୍ଡ ପୁସ୍ତକ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ସଂଘ କର୍ମକର୍ତ୍ତା ବିଶ୍ୱନାଥ ବେହେରା, ଦିବାକର ମହାନ୍ତି, ଅରବିନ୍ଦ ପାତ୍ର, ଘନଶ୍ୟାମ ଧଳ, ସୁଦର୍ଶନ ଜେନା, ବଳରାମ ଦାସ, ଇନ୍ଦ୍ରମଣି ମହାପାତ୍ର, ନିଲମ ସିଂ, ରଶ୍ମିରେଖା ରାଉତ, ଅଜୟ ରାୟ, ସତ୍ୟଭାମା ଖୁଣ୍ଟିଆ ଓ ବିଦ୍ୟାଳୟ କର୍ମକର୍ତ୍ତା ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଧାମୋହନ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଜିତେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରାଦନ କରିଥିଲେ। ଘନଶ୍ୟାମ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୋର୍ଡ ସଭାପତି ଏକାଦଶ ଖେଳିବାକୁ ରିମା ମନୋନୀତ

ରାଉରକେଲା ଅଫିସ,୧୬।୨

ଇଂଲଣ୍ଡ ବିରୋଧରେ ଆସନ୍ତା ୧୮ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୋର୍ଡ ସଭାପତି ଏକାଦଶ ଏକଦିବସୀୟ କ୍ରିକେଟ ମ୍ୟାଚ୍ ଖେଳିବା ନିମନ୍ତେ ଦଳରେ ସ୍ଥାନ ପାଇଛନ୍ତି ରାଉରକେଲା ଝିଅ ରିମା ଲକ୍ଷ୍ମୀ ଏକ୍କା। ରିମା ୨୦୧୮ ଅକ୍ଟୋବରରେ ଅଷ୍ଟ୍ରେଲିଆ ଏ ଦଳ ବିରୋଧରେ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଭାରତ ଏ ଦଳରୁ ଖେଳିଥିଲେ। ସିରିଜର ପ୍ରତ୍ୟେକ ମ୍ୟାଚରେ ରିମା ୱିକେଟ ନେଇ ଅନ୍ୟତମ ଶ୍ରେଷ୍ଠ ବୋଲର ରୂପେ ଖ୍ୟାତି ଅର୍ଜନ କରିଥିଲେ। ଏଥିସହ ବିସିସିଆଇ ସିନିୟର ମହିଳା ଟି-୨୦ ଚୋଲେଞ୍ଜର୍ସ ଟ୍ରଫିରେ ରିମା ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ସେ ହେଉଛନ୍ତି ଜଣେ ମଧ୍ୟମ ଗତି ଡାହାଣହାତୀ ବୋଲର। ଇସ୍ପାତ ଷ୍ଟାଡିୟମ ପରିସରରେ ଆର୍‌ଏସ୍‌ପି କୋଚ୍ ଅଲେଖ ବାରିକଙ୍କଠାରୁ ପ୍ରଶିକ୍ଷଣ ନେଇ ରିମା ଜଣେ ଦକ୍ଷ ଖେଳାଳି ଭାବେ ସୁନାମ ଅର୍ଜନ କରିଛନ୍ତି। ସେ ଏବେ ଇସ୍ପାତ ଅଟୋନମସ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଭାବେ ଅଧ୍ୟୟନ କରୁଛନ୍ତି। ୨୦୧୪-୧୫ରେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ରିମା। ଆଜିପର୍ଯ୍ୟନ୍ତ ରିମା ୫ଟି ଆନ୍ତଃ ପ୍ରଦେଶ (୨୩ ବର୍ଷରୁ କମ୍) ମହିଳା ଏକଦିବସୀୟ ଟୁର୍ନାମେଣ୍ଟ, ୪ଟି ଆନ୍ତଃ ଜୋନ୍ ଏନ୍‌ସିଏ (୧୯ ବର୍ଷରୁ କମ୍) ମହିଳା ଟୁର୍ନମେଣ୍ଟ ସହ ୮ଟି ସିନିୟର ମହିଳା ଏକଦିବସୀୟ ମ୍ୟାଚ, ୧୧ଟି ମହିଳା ଟି-୨୦ ମ୍ୟାଚ୍ ଏବଂ ୧୭ଟି ଅନ୍ୟ ମ୍ୟାଚ୍ ଖେଳି ସାରିଛନ୍ତି। ଏଥିସହ ପ୍ରତିଭାବାନ ବୋଲର ଓ ବ୍ୟାଟ୍ସମ୍ୟାନଙ୍କ ପାଇଁ ଜାତୀୟ କ୍ରିକେଟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଦକ୍ଷତା ଅର୍ଜନ କରିଛନ୍ତି। ରୀମାଙ୍କ ବାପା ଜିନ୍ଦା ଏକ୍କା ଆର୍‌ଏସ୍‌ପି ଓର୍ ବେଡିଂ ଓ ବ୍ଲେଣ୍ଡିଂ ବିଭାଗ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି।



ରିମା ଏକ୍କା।

## ମାଟ୍ରିକ ପରୀକ୍ଷା ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

# କେନ୍ଦ୍ର ପରିସରରେ ମୋବାଇଲ ଫୋନ୍ ମନା

ସୁନ୍ଦରଗଡ, ୧୬।୨(ଡି.ଏନ୍.ଏ)

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନା ସମ୍ପର୍କୀତ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଭବାନୀ ଶଙ୍କର ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମସ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ, ନୋଡାଲ ଅଫିସର, ପରିଚାଳନାରେ ସମ୍ପୃକ୍ତ ଅନ୍ୟ କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଏହି ଶିବିରରେ ଅଧ୍ୟକ୍ଷତା କରିଥିଲେ। ପରୀକ୍ଷାରେ ସଂସ୍କାର ଆଣିବା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନୀତି ନିୟମ ଓ କଟକଣାକୁ କଡାକଡି ଭାବେ କାର୍ଯ୍ୟକାରୀ କରି ପରୀକ୍ଷାକୁ ଅବାଧ ଓ ଶାନ୍ତିଶୃଙ୍ଖଳାସହ ସମ୍ପନ୍ନ କରିବା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ପରୀକ୍ଷାରେ ବିଶେଷ କରି ଅସାଧୁ ଉପାୟକୁ ରୋକିବା ପାଇଁ କେନ୍ଦ୍ର ପରିସରରେ ମୋବାଇଲ ଫୋନ୍ ବ୍ୟବହାର ସମ୍ପର୍କରେ କଟକଣା, ପ୍ରଶ୍ନପତ୍ର ପ୍ରତି ସତର୍କତା, ଶ୍ରେଣୀ କକ୍ଷରେ ନିରୀକ୍ଷକଙ୍କ ପରୀକ୍ଷାର୍ଥୀଙ୍କ ପାଖକୁ ନ ଯିବା ଭଳି ବିଭିନ୍ନ ପରିବର୍ତ୍ତିତ ନିୟମାବଳୀ ସମ୍ପର୍କରେ ଅବଗତ କରାଯାଇଥିଲା। କେନ୍ଦ୍ର ଅଧୀକ୍ଷକ ପକେଟରେ ମୋବାଇଲ ଫୋନ୍ ଧରି ବୁଲିବାକୁ ମଧ୍ୟ କଟକଣା କରାଯାଇଛି। ସେ ଟେବୁଲ ଉପରେ ଫୋନ୍ ରଖି ଅତି ଜରୁରୀ ସମୟରେ ବ୍ୟବହାର କରିପାରିବେ ବୋଲି କୁହାଯାଇଛି। ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ଯୋଗଦେଇଥିଲେ।

# ଶହୀଦ ଭଗତସିଂହ କମିଟି ପକ୍ଷରୁ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ବେଦବ୍ୟାସ, ୧୬।୨ (ଡି.ଏନ.ଏ)

ରାଉରକେଲା ଶିଳ୍ପ ନଗରୀର ପ୍ରବେଶ ପଥ କୁହାଯାଉଥିବା ଐତିହାସିକ ବେଦବ୍ୟାସ ଛକ ସ୍ଥିତ ଶହୀଦ ଭଗତ ସିଂହ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଜମ୍ମୁ କଶ୍ମୀରରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା ସହ ଶୋକସଭା ହୋଇଥିଲା। ଶହୀଦ ଭଗତ ସିଂହ କମିଟିର ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ବକ୍ତାମାନେ ଜମ୍ମୁ ଓ କଶ୍ମୀରରେ ଶହୀଦ ହୋଇଥିବା ପ୍ରାୟ ୪୪ଜଣ ଯବାନଙ୍କ ଆତ୍ମାର ସଦଗତି ନିମନ୍ତେ ୫ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଦେଶ ପାଇଁ ବଳିଦାନ ତଥା ଶହୀଦ ହୋଇଥିବା ଯବାନଙ୍କ ଅନୁଦାନ ଅତୁଳନୀୟ ଓ ସେମାନେ ଏହି ଭାରତ ଭୂମିରେ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ପରେ ଏନେଇ ମହମବତି ଶୋଭାଯାତ୍ରା ହୋଇଥିଲା। ଶୋଭାଯାତ୍ରା ବେଦବ୍ୟାସ ଛକ ପରିକ୍ରମା କରିଥିଲା। ଏହି ଅବସରରେ କମିଟିର ସନ୍ତୁପ କୁମାର ଶାହା, ଲାଲମା ଲାକ୍ରା, ଗଣେଷ ପ୍ରସାଦ, ସରୱାର ସିଂ, କେବି ପଣ୍ଡିତ, ଆରକେ ପ୍ରସାଦ, କମଳା ସିଂ, ବୀରେନ୍ଦ୍ର ସିଂ, ଶ୍ୟାମଲାଲ ଜୟସ୍ୱାଲ ଓ ମୁନାଲାଲ ସାହୁ ପ୍ରମୁଖଙ୍କ ସମେତ କମିଟି ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ ।



ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ବେଦବ୍ୟାସରେ ମହମବତି ଶୋଭାଯାତ୍ରା।

# ବଡ଼ଗାଁରେ ନିର୍ମିତ ଶୌଚାଳୟ କାର୍ଯ୍ୟକ୍ଷମରେ ବିଳମ୍ବିତ

ବଡ଼ଗାଁ, ୧୬।୨ (ଡି.ଏନ.ଏ)

ବଡଗାଁ ବସଷ୍ଟାଣ୍ଡଠାରେ ଥିବା ଶୌଚାଳୟ ସ୍ଥାନକୁ ହୋଇଥିବା ଜବରଦଖଲ ଉଚ୍ଛେଦ କରି ସେଠାରେ ଶୌଚାଳୟ ନିର୍ମାଣ ଦାବିକରି ଗତବର୍ଷ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଆନ୍ଦୋଳନ କରିଥିଲେ। ଏହାପରେ ପ୍ରଶାସନ ହସ୍ତକ୍ଷେପ କରି ସ୍ଥାନ ଚିହ୍ନଟ କରିବା ସହ ଶୌଚାଳୟ ନିର୍ମାଣ କରିଥିଲେ ମଧ ପାଣି ଯୋଗାଣ ବ୍ୟବସ୍ଥା କରାଯାଇ ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶୌଚାଳୟ ୨୦୧୮ ସେପ୍ଟେମ୍ବରରେ ଆରମ୍ଭ ହୋଇ ନିର୍ଦ୍ଧାରିତ ୩ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଥିଲା। ହେଲେ ଶୌଚାଳୟକୁ ଜଳଯୋଗାଣ ବ୍ୟବସ୍ଥା କରିବା ଦିଗରେ ବିଭାଗୀୟ ଅଧିକାରୀମାନେ ଅବହେଳା କରୁଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ରାସ୍ତାପ୍ରଶସ୍ତିକରଣ ଯୋଗୁ ବସଷ୍ଟାଣ୍ଡସ୍ଥିତ ଶୌଚାଳୟ ଭଙ୍ଗାଗଲା ପରେ ସେହି ସ୍ଥାନକୁ ଜବରଦଖଲ କରାଯାଇଥିଲା। ଏହା ଉପରେ ରାଜନୈତିକ ଦଳର କର୍ମକର୍ତ୍ତା, ଜନପ୍ରତିନିଧି ନିରବଦ୍ରଷ୍ଟା ସାଜିବାରୁ ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମର ବରିଷ୍ଠ ନାଗରିକମାନେ ବ୍ଲକ ଅଫିସ ପରିସରରେ ଧାରଣା ଦେଇଥିଲେ। ଏପ୍ରିଲ ୧୧ ରୁ ୧୪ ତାରିଖ ଧାରଣା ଦେଲାପରେ ପ୍ରଶାସନ ପକ୍ଷରୁ ଶୀଘ୍ର ଶୌଚାଳୟ ନିର୍ମାଣ କରାଯିବା ପ୍ରତିଶ୍ରୁତି ଦେଇଥିଲେ। ଏହାର ୪ମାସ ପରେ ଗତବର୍ଷ ସେପ୍ଟେମ୍ବର ୧୨ ତାରିଖ କାମ ଆରମ୍ଭ ହୋଇ ଡିସେମ୍ବରରେ ସମ୍ପୂର୍ଣ୍ଣ ହୋଇଛି। ନିର୍ମାଣ କାମ ଶେଷ ହେଲାପରେ ଶୌଚାଳୟକୁ ପାଣି ଯୋଗାଇବା ବ୍ୟବସ୍ଥା କରାଯାଉ ନ ଥିବା ସମ୍ପର୍କରେ ସୁନ୍ଦରଗଡ ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀ ପ୍ରବୀର ପ୍ରଧାନଙ୍କୁ ଜଣାଇବାରେ ଶୌଚାଳୟ ପାଇଁ ଜନସାଧାରଣ ପାଣି ବ୍ୟବସ୍ଥା କରନ୍ତୁ କହି ତାଙ୍କ ମୁଣ୍ଡରୁ ଦାୟୀତ୍ୱ ଖସାଇବାକୁ ଚେଷ୍ଟା କରିଥିଲେ। ଏହା ପରେ ଶୌଚାଳୟକୁ ପୂର୍ବରୁ କେଉଁଠାରୁ ପାଣି ଆସୁଥିଲା ପଚାରି ବୁଝିଥିଲେ। ନିକଟରେ ଥିବା ପାଇପ ଜଳ ଯୋଗାଣରୁ ସଂଯୋଗ କରି ଶୌଚାଳୟର ସିନଟେକ୍ସକୁ ପାଣି ଯୋଗାଣ ହେଉଥିଲା କହିବାରୁ ଯନ୍ତ୍ରୀ ଠିକ୍ ଅଛି ତାର ବ୍ୟବସ୍ଥା କରାଯିବ କହିଛନ୍ତି। ତେବେ ଶୌଚାଳୟ ନିର୍ମାଣ ପୂର୍ବରୁ ପାଣି କେଉଁଠାରୁ ଆସିବ ସେ ନେଇ ଅନୁଧ୍ୟାନ ନ କରିବା ଓ ଏଥିପାଇଁ ପାଣି ବ୍ୟବସ୍ଥା କରିବାକୁ ଲୋକଙ୍କୁ କହିବା ଦେଖିଲେ ଶୌଚାଳୟ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ ଅଧିକାରୀମାନେ କେତେ ସମ୍ବେଦନଶୀଳ ଓ କାର୍ଯ୍ୟଶୈଳୀ କେତେ ଅବାଗିଆ ବୁଝାପଡେ। ଉଲ୍ଲେଖଯୋଗ୍ୟ ଯେ, ବଡଗାଁ ବସଷ୍ଟାଣ୍ଡଠାରେ ଶୌଚାଳୟ ନ ଥିବାରୁ ବିଶେଷ କରି ମହିଳାମାନେ ଘୋର ହଇରାଣ ହେଉଛନ୍ତି। ଏହା ଗ୍ରାମର ସମ୍ମାନର ପ୍ରଶ୍ନ ହୋଇଥିଲା ବେଳେ ମହିଳାଙ୍କ ପ୍ରତି ଅବହେଳାର ଜ୍ୱଳନ୍ତ ଦୃଷ୍ଟାନ୍ତ। ବସଷ୍ଟାଣ୍ଡଠାରେ ଶୌଚାଳୟ ଆବଶ୍ୟକ ପ୍ରାଥମିକତା ହୋଇଥିଲେ ମଧ ବିଭାଗୀୟ ଅଧିକାରୀମାନଙ୍କ କାର୍ଯ୍ୟର ଉଦାସୀନତା ବାସ୍ତବିକ ଏକ ବିଡମ୍ବନା । ସରକାର ମାଆକୁ ସମ୍ମାନ, ସ୍ୱଚ୍ଛ ପରିମଳ ନାରା ଦେଉଥିଲା ବେଳେ ଅଧିକାରୀମାନେ ଏଦିଗରେ କେତେ ଯତ୍ନବାନ ବେଶ ବୁଝାପଡ଼େ।



ବଡ଼ଗାଁରେ ନିର୍ମାଣ ହୋଇଥିବା ଶୌଚାଳୟ।